

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୬ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 JANUARY 2026

Vol.No. 36 ■ No.15 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବିତ



ଭୁବନେଶ୍ୱର, ୧୫/୧ (ନି.ପ୍ର): ବିଜେଡି ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ନିଜର ଦୁଇ ଜଣ ବିଧାୟକଙ୍କୁ କରିଛି ନିଲମ୍ବନ। ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ କରାଯାଇଛି ସସ୍ ?ପେଣ୍ଡ। ଦଳ ବିରୋଧୀ କାର୍ଯ୍ୟ ପାଇଁ ସେମାନଙ୍କୁ ସସ୍‌ପେଣ୍ଡ କରିଛନ୍ତି ସଭାପତି ନବୀନ ପଟ୍ଟନାୟକ। ତେବେ ନିର୍ଦ୍ଦିଷ୍ଟ ଭାବେ ସେମାନେ କେଉଁ ପ୍ରକାରର ଦଳ ବିରୋଧୀ କାମ କରିଥିଲେ, ତାହା ନିଲମ୍ବନ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇନାହିଁ। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ପାଟକୁରାରୁ ବିଧାୟକ ହୋଇଛନ୍ତି। ସେ ୨୦୨୪ରେ ପ୍ରଥମ ଥର ପାଇଁ ନିର୍ବାଚନ ରାଜନୀତିରେ ପାଦ ଥାପି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ସେହିପରି ଚମ୍ପୁଆରୁ ପ୍ରତିନିଧିତ୍ୱ କରୁଛନ୍ତି ସନାତନ ମହାକୁଡ଼। ନିଲମ୍ବିତ ହେବା ପରେ ଅରବିନ୍ଦ ମହାପାତ୍ର କହିଛନ୍ତି, ମୋତେ କାହିଁକି ନିଲମ୍ବନ କରାଗଲା, ମୁଁ ଜାଣିନି। ମୁଁ କୌଣସି ଦଳବିରୋଧୀ କାମ କରିନି। ଦଳକୁ ଅସୁବିଧାରେ ପକାଇବା ଭଳି କୌଣସି କାମ କରିନି। ମୁଁ ମୋ ନିର୍ବାଚନ କ୍ଷେତ୍ରରେ ଲୋକଙ୍କ ପାଇଁ କାମ କରୁଛି। ମୁଁ କୌଣସି ମେଳିକୁ ଯାଇନି କି ଭୋଜି କରିନି। ସେହିପରି ୫ଟି (ଭି.କେ ପାଣ୍ଡିଆନ) ବିରୋଧୀ ମନ୍ତବ୍ୟ ତାଙ୍କ ପାଇଁ ଭାରି ପଡ଼ିଲା କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରେ ସେ କହିଛନ୍ତି ଯେ ସେ ସେଭଳି କିଛି କହି ନଥିଲେ। ଅରବିନ୍ଦ କହିଛନ୍ତି, ମୁଁ ତାଙ୍କ ବିରୋଧରେ କହିନି। ସରକାରୀ ଦଳର ବିଧାୟକମାନେ କହୁଛନ୍ତି ଯେ ସେ ଦୁର୍ନୀତି କରିଛନ୍ତି। ତେଣୁ ମୁଁ କହିଥିଲି ଯେ ଏହାକୁ ନେଇ ବାରମ୍ବାର ବିଧାନସଭାର ସମୟ ନଷ୍ଟ କରିବାର ଆବଶ୍ୟକତା ନାହିଁ। ଆପଣମାନେ କେସ୍ କରି ତଦନ୍ତ କରନ୍ତୁ। ଦୋଷ କରିଥିଲେ ସେ ଦଣ୍ଡ ପାଇବେ ଓ ଦୋଷ କରି ନଥିଲେ ନିର୍ଦ୍ଦୋଷ ସାବ୍ୟସ୍ତ ହେବେ। ଅରବିନ୍ଦଙ୍କ ନିଲମ୍ବନକୁ ନେଇ ବାପା ବିଜୟ ମହାପାତ୍ର କହିଛନ୍ତି, ମୁଁ ହତବାକ୍। ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ହେଲି। କାହିଁକି ଏଭଳି ହେଲା ମୁଁ କିଛି ଜାଣିନି। ମୁଁ ଜାଣିବାରେ ପୁଅ ସେପରି କିଛି କରିନି। ମୁଁ କୌଣସି ଦଳରେ ନାହିଁ, ନିର୍ବାଚନମଣ୍ଡଳୀର ସ୍ୱାର୍ଥ ପାଇଁ କାମ କରୁଛି। ବିଜେଡି ନେତା ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ବହୁତ ଭାବିଚିନ୍ତି ତଥା ସମସ୍ତ ତଥ୍ୟ ସଂଗ୍ରହ କରି ଦଳର ନେତା ନିଷ୍ପତ୍ତି ନିଅନ୍ତି। ଯଦି ସେ ଏ ନିଷ୍ପତ୍ତି ନେଇଛନ୍ତି, ତା'ମାନେ ସେମାନେ ନିଶ୍ଚିତ ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିଛନ୍ତି। ସେଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଦେଢ଼ଦିନର ଉପାସ ପରେ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତି

### ଦୁଇ ନିଯୋଗର ବୟାନ, ବିଭ୍ରାଟ ବାବଦରେ ସବୁ ଜାଣି ବି ଚୁପ୍ ବସିଥିଲା ପ୍ରଶାସନ



ଭୁବନେଶ୍ୱର, ୧୫/୧ (ନି.ପ୍ର): ଦେଢ଼ଦିନର ଓପାସ ପରେ ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ଲାଗିଲା ଭୋଗ। ନୀତି ସ୍ୱାଭାବିକ ହୋଇଥିଲେ ମଧ ଏବେବି ବଡୁ ଓ ବ୍ରାହ୍ମଣ ନିଯୋଗ ମଧରେ ଲାଗି ରହିଛି ବିବାଦ। ବିଭ୍ରାଟ ପାଇଁ ପ୍ରଶାସନ ସମେତ ଦେବୋତ୍ତର କମିସନଙ୍କୁ ଦାୟୀ କରିଛନ୍ତି ଦୁଇ ନିଯୋଗ। ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧରେ ଚାଲିଲା ଛକାପଞ୍ଝା। ବଳି ପଡ଼ିଗଲେ ପ୍ରଭୁ ଲିଙ୍ଗରାଜ। ମକର ସଂକ୍ରାନ୍ତିରେ କାଷ୍ଠା ଉପବାସ ରହିଲେ ଦେବ ଦେବ ମହାଦେବ। ଦିନକ ପରେ ନୀତି ସ୍ୱାଭାବିକ ହୋଇଛି। କିନ୍ତୁ ପ୍ରଭୁ ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ପାଇଁ ମନ୍ଦିର ପ୍ରଶାସନ ଓ ଦେବୋତ୍ତର କମିସନକୁ ଦାୟୀ କରିଛନ୍ତି ବଡୁ ଓ ବ୍ରାହ୍ମଣ ନିଯୋଗ। ମଙ୍ଗଳବାର କ୍ଷୀର ଆଉଟା ନୀତିକୁ ନେଇ ଦୁଇ ନିଯୋଗ ଭିତରେ ଆରମ୍ଭ ହୋଇଥିଲା ବିବାଦ। ଆଉ ମକର ସଂକ୍ରାନ୍ତିରେ ଓପାସ ରହିଲେ ପ୍ରଭୁ ଲିଙ୍ଗରାଜ। କ୍ଷୀର ଆଉଟା ନୀତି ସମୟରେ ବିଭ୍ରାଟ ଉପୁଜିପାରେ ବୋଲି ଦେବୋତ୍ତର ବିଭାଗ, ଆଇନ ବିଭାଗ ଓ ମନ୍ଦିର ପ୍ରଶାସନକୁ ବଡୁ ନିଯୋଗ ଅବଗତ କରାଇଥିଲା। ଜଣାଇବା ସତ୍ତ୍ୱେ ପ୍ରଶାସନ କାହିଁକି ଚୁପ୍ ରହିଲା ବୋଲି ପ୍ରଶ୍ନ କରିଛନ୍ତି ବଡୁ ନିଯୋଗ ସମ୍ପାଦକ। ପ୍ରଭୁ ଲିଙ୍ଗରାଜଙ୍କ ନୀତିରେ ବିଭ୍ରାଟ ହେଲା କିନ୍ତୁ ପ୍ରଶାସନ ଚୁପ୍। ସ୍ଥାନୀୟ ବିଧାୟକ କହିଲେ ନୀତି ବିଭ୍ରାଟ କରିଥିବା ବ୍ୟକ୍ତି ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। କିନ୍ତୁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ବିଭ୍ରାଟର ସମାଧାନ ପାଇଁ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳିଲାନି। ସେବାୟତଙ୍କ ଅହଙ୍କାର ବଢ଼ିଯାଇଥିବାରୁ ଏଭଳି ବିଭ୍ରାଟ ହେଉଥିବା କହିଛନ୍ତି ବୁଦ୍ଧିଜୀବୀ। ତେବେ ପ୍ରଶ୍ନ ଉଠୁଛି, ଲିଙ୍ଗରାଜ ମନ୍ଦିରରେ ବିଭ୍ରାଟ ହେବ ବୋଲି ପ୍ରଶାସନ ଜାଣିଥିଲେ ମଧ କାହିଁକି ଚୁପ୍? ବସିଥିଲା? ବିଭ୍ରାଟ ପାଇଁ କାହା ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ ? ପ୍ରକୃତରେ କାର୍ଯ୍ୟାନୁଷ୍ଠାନ ହେବ ନା ସମୟ ଗଡ଼ିବା ସହ ଏ ପ୍ରସଙ୍ଗ ବି ଭୁଲିଯିବେ ସରକାର ?

## ଡ୍ରେନ୍‌ରେ ପଡି ଚାଲିଗଲା ଜୀବନ

ଭୁବନେଶ୍ୱର, ୧୫/୧ (ନି.ପ୍ର): ଭୁବନେଶ୍ୱର ସାଲିଆସାହିରେ ଡ୍ରେନର ଖସିପଡି ଯୁବକଙ୍କ ଜୀବନ ଚାଲିଯାଇଛି । ମୃତ ଯୁବକ ହେଲେ ସାଲିଆସାହି ବସ୍ତିର ସିନୁ ଗାଗରାଇ। ବିଏମସି ତରଫରୁ ନୂଆ ରାସ୍ତା ପାଇଁ କାମ ଚାଲିଥିବା ବେଳେ ରାସ୍ତା କଡ ଡ୍ରେନରେ ଯୁବକଙ୍କ ଗୋଡଖସି ଯିବାରୁ ସେ ପଡିଯାଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବେଳେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ: ସହରର ସମସ୍ତ ସ୍କୁଲ, କଲେଜ ବନ୍ଦ



ସୁନ୍ଦରଗଡ଼, ୧୫/୧ (ନି.ପ୍ର): ସୁନ୍ଦରଗଡ଼ ସହରରେ ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ପରେ ସ୍ଥିତି ଗମ୍ଭୀର ରହିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଜାନୁଆରୀ ୧୬ ଅର୍ଥାତ୍ ଶୁକ୍ରବାର ସୁନ୍ଦରଗଡ଼ ମୁନିସିପାଲିଟି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ଏକ ସାମାନ୍ୟ କଳିରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ସଂଘର୍ଷରେ ପଥର ମାଡ଼ ସହ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୧୨ ଜଣ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଏକ କାର, ସ୍କୁଟି ଏବଂ ପିକଅପ୍ ଭ୍ୟାନକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ଗୁଜବକୁ ରୋକିବା ପାଇଁ ଗୁରୁବାର ସନ୍ଧ୍ୟା ୬ଟାରୁ ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ସାରା ସହରରେ ଭଘଝ ଧାରା ୧୬୩ (ପୂର୍ବରୁ ୧୪୪) ଜାରି କରାଯାଇ ପାଞ୍ଚ ଜଣରୁ ଅଧିକ ଲୋକ ଏକାଠି ହେବା ଉପରେ କଟକଣା ଲଗାଯାଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସପି ଅମୃତ ପାଲ କୌର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ଖୁବଶୀଘ୍ର ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସହରବାସୀଙ୍କୁ ଶାନ୍ତି ରକ୍ଷା କରିବାକୁ ଏବଂ କୌଣସି ଗୁଜବରେ ବିଶ୍ୱାସ ନକରିବାକୁ ପ୍ରଶାସନ ନିବେଦନ କରିଛି।

## ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ : ୨.୯୨ କୋଟି ଟଙ୍କା ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଜବତ

ଭୁବନେଶ୍ୱର, ୧୫/୧ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୨୫ ଓ ୨୬ତମ ଦିନରେ, ଏନଡିପିଏସ୍ ଆଇନ ଅନୁସାରେ ୨୪ଟି ମାମଲା ସହ ମୋଟ ୪୮୬ଟି ମାମଲା ରୁଜୁ ହୋଇଛି । ଏଥି ସହିତ ମୋଟ ୨.୯୨ କୋଟି ଟଙ୍କା ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଓ ସାମଗ୍ରୀ ଜବତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ଦୁଇ ଦିନର କାର୍ଯ୍ୟାନୁଷ୍ଠାନ ସମୟରେ ମାମଲାରେ ସଂପୃକ୍ତ ମୋଟ ୨୧୮ ଜଣଙ୍କୁ ଗିରଫ କରାଯାଇଛି ।

◆◆ପୃଷ୍ଠା ୭

## ମମତା ବାନାର୍ଜୀ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା



ନୂଆଦିଲ୍ଲୀ, ୧୫/୧ : କୋଲକାତାର I-PAC କାର୍ଯ୍ୟାଳୟରେ ହୋଇଥିବା ଚଢାଉ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି ଏବଂ ଏହି ଲଢ଼େଇ ଏବେ ED ଏବଂ ମମତା ବାନାର୍ଜୀଙ୍କ ମଧ୍ୟରେ ଲଢ଼େଇରେ ପରିଣତ ହୋଇଛି। ଏଥିରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର ଅର୍ଥାତ୍ ମମତା ବାନାର୍ଜୀଙ୍କ ସରକାର ଏବଂ କୋଲକାତା ପୋଲିସକୁ ଏକ ବଡ଼ ଝଟକା ଦେଇଛନ୍ତି। ରାଜନୈତିକ ପରାମର୍ଶଦାତା I-PAC କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ପରିସରରେ ଚଢାଉ ସହିତ ଜଡିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା

◆◆ପୃଷ୍ଠା ୭

## ପାନୀୟ ଜଳ ପ୍ରକଳ୍ପ କାମ ଶୀଘ୍ର ସାର: ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୧୫/୧ (ନି.ପ୍ର): ରାଜ୍ୟରେ ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ। ଗ୍ରାଉଣ୍ଡ ଭିଜିଟ କରି ସମୀକ୍ଷା କରିବାକୁ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ। ୫୦ ପ୍ରତିଶତ ପ୍ରକଳ୍ପରେ ସରିଛି ୫୦ ପ୍ରତିଶତ କାମ। ନିକଟରେ ରାଜ୍ୟରେ ମେଗା ପାନୀୟ ଜଳର ସମୀକ୍ଷା କରିଥିଲେ ମୁଖ୍ୟ ଶାସନ ସଚିବ। ଆଉ ଆଜି ସଚିବ ସ୍ତରୀୟ ବୈଠକରେ ସଚିବ ମାନଙ୍କୁ ଏନେଇ ଦେଇଛନ୍ତି ନିର୍ଦ୍ଦେଶ। ମୁଖ୍ୟ ଶାସନ ସଚିବ କହିଛନ୍ତି, ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ସରିବାରେ ବିଳମ୍ବ ହେଉଛି। ଯେଉଁଥି ପାଇଁ ଜନ ଅସନ୍ତୋଷ ବଢୁଛି। ସେଥିପାଇଁ ସଚିବ ମାନେ ଜିଲ୍ଲା ଗସ୍ତ ସମୟରେ ପ୍ରଥମେ ପାନୀୟ ଜଳ ପ୍ରକଳ୍ପ କାମର ସମୀକ୍ଷା କରିବେ। ସବୁ ପ୍ରକଳ୍ପ କାମ କେମିତି ଧାର୍ଯ୍ୟ ସମୟ ଭିତରେ ସରିବ

◆◆ପୃଷ୍ଠା ୭

## ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ମକର ଉତ୍ସବରେ ଏନଏସଏସ ଅଭିମୁଖିକରଣ କାର୍ଯ୍ୟକ୍ରମ ଓ ସମାଜସେବୀ ଶାନ୍ତି ଦାସଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ




ବାଲେଶ୍ୱର, ୧୫/୧ (ନି.ପ୍ର): ବାଲେଶ୍ୱରର ହେଲଦି ରାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ମକର ଉତ୍ସବରେ ଜାତୀୟ ସେବା ସଂସ୍ଥା (ଏନଏସଏସ) ସ୍ୱେଚ୍ଛାସେବୀଙ୍କ ପାଇଁ ଅଭିମୁଖିକରଣ କାର୍ଯ୍ୟକ୍ରମ ଓ ସମାଜସେବୀ ଶାନ୍ତି ଦାସଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଧ୍ୱନି ପ୍ରତିଧ୍ୱନି' ଖବର କାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଯୁବ ଉଦ୍ୟୋଗୀ ତଥା ସମାଜସେବୀ କ୍ରିଷ୍ଣା ଦାସ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହେଲଥ ସୁପରଭାଇଜର ରମାକାନ୍ତ କର, ଅବସରପ୍ରାପ୍ତ ଚିକିତ୍ସକ ଡାକ୍ତର ଭଗବାନ ଭୂୟାଁ ପ୍ରମୁଖ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ମାନବ ଜୀବନରେ ସେବାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ସ୍ୱର୍ଗତ ଶାନ୍ତି ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଆଦର୍ଶ ନାରୀ ଭାବେ ସେ ମାନବିକତାର ପ୍ରତୀକ ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିଭଳି ବର୍ତ୍ତମାନର ଅଣୁ ପରିବାର ଓ ପୂର୍ବର ଯୌଥ ପରିବାର ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ଚିତ୍ତରଂଜନ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ କଲେଜରେ ଯୋଗ ଶିକ୍ଷା ଓ ଏନଏସଏସ ସେବା ସମ୍ପର୍କରେ ସୂଚନା ଦେଇଥିଲେ । ଯୋଗଶିକ୍ଷା ଓ ପ୍ରାକୃତିକ ଚିକିତ୍ସା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିଥିବା ଡାକ୍ତର ସାହୁ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଯୋଗ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଧ୍ୟାପିକା ଅନିତା ମିଶ୍ର, କାନ୍ତିକ୍ରିଷ୍ଣା ଦାସ, ଅଭିଷେକ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଏକଜିଟ ପୋଲ: ବାଜିମାତ୍ ମାରିବ ବିଜେପି, ଫେଲ୍ ମାରିବେ ଠାକରେ ବ୍ରଦର୍ସ

ନୂଆଦିଲ୍ଲୀ, ୧୫/୧ : ମୁମ୍ବାଇର ରାଜା କିଏ ହେବ? ଏ ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବ। କିନ୍ତୁ ଏହା ପୂର୍ବରୁ ହୋଇଥିବା ଏକଜିଟ ପୋଲରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ମୁମ୍ବାଇର ରାଜା ହେବାକୁ ଯାଉଥିବା ଆକାଳନ କରାଯାଇଛି। ଆଜି ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ଭୋଟିଂ ଶେଷ ହୋଇଛି। ୩.୪୮ କୋଟି ଯୋଗ୍ୟ ଭୋଟର ୧୫,୯୩୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟକୁ ଇଭିଏମରେ ସିଲ କରିଦେଇଛନ୍ତି। ଏହା ମଧ୍ୟରେ ରହିଛି ବ୍ରିହାନ ମୁମ୍ବାଇ ମହାନଗର ନିଗମ ବା ବିଏମସି। ଏହା ହେଉଛି ଭାରତ ତଥା ଏସିଆର ସବୁଠାରୁ ଧନୀ ମହାନଗର ନିଗମ। ଏହାର ବଜେଟ ୭୪,୦୦୦ ଟଙ୍କା। ବିଏମସି ଅଧୀନରେ ଥିବା ୨୨୭ଟି ୱାର୍ଡରେ ୧୭୦୦ ପ୍ରାର୍ଥୀ ନିଜର ଭାଗ୍ୟ କରିଛନ୍ତି। ୨୦୧୭ ପରେ ବିଏମସି ନିର୍ବାଚନ ହେଉଥିବାରୁ ପୂରା ଦେଶର ନଜର ଏହା ଉପରେ ରହିଛି। ବିଏମସିରେ ସବୁବେଳେ ଠାକରେ ପରିବାର ରାଜୁତି ଚାଲି ଆସିଛି। ୨୦୧୭ରେ ଶେଷ ଥର ପାଇଁ ବିଏମସି ନିର୍ବାଚନ ହୋଇଥିବା ବେଳେ ଅବିଭକ୍ତ ଶିବସେନା ସର୍ବାଧିକ ୮୪ଟି ଆସନ ଜିତିବା ସହ ମେୟର ପଦ ହାତେଇଥିଲା। କିନ୍ତୁ ୨୦୨୬ରେ ହୋଇଥିବା ନିର୍ବାଚନରେ ବାଜି ପଲଟିବ ବୋଲି ଅଧିକାଂଶ ଏକଜିଟ ପୋଲରେ ଆକଳନ କରାଯାଇଛି। ବିଏମସି ନିର୍ବାଚନ ପାଇଁ ଠାକରେ ବ୍ରଦର୍ସ ଅର୍ଥାତ ଉଦ୍ଧବ ଓ ରାଜ ଠାକରେ ହାତ ମିଳାଇଥିଲେ। କିନ୍ତୁ ଏହାର ପ୍ରଭାବ ଭୋଟରଙ୍କ ଉପରେ ପଡ଼ି ନଥିବା ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି। ଅଧିକାଂଶ ଏକଜିଟ ପୋଲର ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ମୁମ୍ବାଇର ରାଜା ବନିବ ବୋଲି କହିଛନ୍ତି। ଆକ୍ସିସ ମାଇଁ ଇଣ୍ଡିଆ କହିଛି ଯେ ବିଜେପି ନେତୃତ୍ୱାଧୀନ ମହାଯୁତି ମୁମ୍ବାଇରେ ୧୩୧ରୁ ୧୫୧ଟି ୱାର୍ଡରେ ବାଜିମାତ କରିବ। ଜେଭିସି କହିଛି ଯେ ମେଣ୍ଟ ୧୩୮ଟି ଓ ସକାଳ ୧୧୯ଟି ସିଟ ବିଜେପି ନେତୃତ୍ୱାଧରନ ହାତେଇ ବୋଲି କହିଛି। ୨୦ ବର୍ଷ ପରେ ଠାକରେ ବ୍ରଦର୍ସ ଏକାଠି ହୋଇଥିଲେ ହେଁ ଆକ୍ସସ ମାଇଁ

◆◆ପୃଷ୍ଠା ୭

# ହାଇସ୍କୁଲ୍ ଛକ କାଳୀ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



ବାସୁଦେବପୁର, ୧୫/୧ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ହାଇସ୍କୁଲ୍ ଛକ କାଳୀ କମ୍ୟୁନିଟି ସେଣ୍ଟରର ଉନ୍ନତି କରଣ ପବିତ୍ର ମକର ସଂକ୍ରାନ୍ତିରେ ଉଦଘାଟିତ ହୋଇ ଯାଇଛି। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ସେଣ୍ଟର କୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଯୋଗ ଦେଇଥିଲେ ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ମହାନ୍ତି, ସୁବାସ ମହାନ୍ତି, ଟୁକୁ ନାୟକ, ଡାକ୍ତର ନିରଞ୍ଜନ ପାଢୀ, କାର୍ତ୍ତିକ ଖିଲାର ଓ ଅନ୍ୟାନ୍ୟ କର୍ମୀ ବନ୍ଧୁ। ବିଧାୟକଙ୍କ ନିଜସ୍ୱ ହାତ ପାଣ୍ଠିରୁ ଏହାର ଉନ୍ନତି କରଣ ପାଇଁ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଅଧିକ ବିକାଶ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରାଯିବ ବୋଲି ବିଧାୟକ ବିଧାୟକ ଶ୍ରୀ ଅଶୋକ କୁମାର ଦାସ ପ୍ରକାଶ କରିଥିଲେ।

# ଭୋପାଳ -ଭୟଙ୍କର ସଡକ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ, ୧୨ ଆହତ

ନୂଆଦିଲ୍ଲୀ, ୧୫/୧ : ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ବୈରସିୟା ଅଞ୍ଚଳରେ ବୁଧବାର ରାତିରେ ଟ୍ରାକ୍ଟର -ଟ୍ରଲିଏବଂ ଏକ ଲୋଡିଂ ଗାଡି ସହିତ ଧକ୍କା ହେବା ଫଳରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୨ଜଣ ଆହତ ହୋଇଛନ୍ତି।ସମସ୍ତ ମୃତକ ଏବଂ ଆହତ ବିଦିଶା ଜିଲ୍ଲାର ସିରୋଞ୍ଜ ବାସିନ୍ଦା ଏବଂ ମକର ସଂକ୍ରାନ୍ତି ପାଳିବା ପାଇଁ ହୋଶଙ୍ଗାବାଦ ଯାଉଥିଲେ।ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ସୂଚନା ଅନୁସାରେ ଦୁର୍ଘଟଣା ବୈରସିୟା ଥାନା ଅଞ୍ଚଳରେ ବୁଧବାର ରାତି ପ୍ରାୟ ସାଢେ ନଅଟା ସମୟରେ ହୋଇଥିଲା।ବୈରସିୟା ଥାନା ଟିଆଇ ବିରେନ୍ଦ୍ର ସେନ କହିଛନ୍ତି ଯେ ବିଦିଶା ଜିଲ୍ଲାର ସିରୋଞ୍ଜରୁ ଗୋଟିଏ ପରିବାରର ୧୫ଜଣ ଲୋଡିଙ୍ଗ ଗାଡିରେ ଥିଲେ।ସମସ୍ତ ଲୋକ ସଂକ୍ରାନ୍ତି ସ୍ନାନ ପାଇଁ ନର୍ମଦା ପୁରମ ଯାଉଥିଲେ।ଯେମିତି ତାଙ୍କ ଗାଡି ବୈରସିୟା ଥାନା ଅଞ୍ଚଳରେ ଶାସକୀୟ ସାନ୍ଦୀପନି ଠାକୁର ଲାଲସିଂହ ସ୍କୁଲ ନିକଟରେ ପହଁଞ୍ଚିଥିଲା ସାମ୍ନାରୁ ଆସୁଥିବା ଟ୍ରାକ୍ଟର ଟ୍ରଲି ସହ ଧକ୍କା ହୋଇଛି।ଏଥିରେ ଲୋଡିଙ୍ଗ ଗାଡି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି।ସେଥିରେ ଯାତ୍ରା କରୁଥିବା ଅନେକ ଲୋକ ଭିତରେ ଫସି ରହିଥିଲେ।ଦୁର୍ଘଟଣା ଏତେ ଭୟଙ୍କର ଥିଲା ପାଞ୍ଚ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି।୧୨ଜଣ ଆହତ ହୋଇଛନ୍ତି।ଯେଉଁଥିରେ ଟ୍ରେକରରେ ଯାତ୍ରା କରୁଥିବା ୩ ଜଣ ମଧ ସାମିଲ ଥିଲେ।ସମସ୍ତ ଆହତଙ୍କୁ ବୈରସିୟା ଶାସକୀୟ ହସ୍ପିଟାଲରେ ଭର୍ତ୍ତୀ କରାଯାଇଛି।ଘଟଣାର ସୂଚନା ମିଳିବା ପରେ ବୈରସିୟା ଏସଡୀଏମ ଆଶୁତୋଷ ଶର୍ମା, ଏଏସପୀ ନୀରଜ ଚୌରସିୟା ଏବଂ ବୈରସିୟା ଟିଆଇ ବିରେନ୍ଦ୍ର ସେନ ସମେତ ବିଧାୟକ ବିଷ୍ଣୁ ଖତ୍ରୀ ବିଳମ୍ବିତ ରାତିରେ ହସ୍ପିଟାଲରେ ପହଁଞ୍ଚିଥିଲେ।ଏସଡୀଏମ ଶର୍ମା କହିଛନ୍ତି ଯେ ପ୍ରାଥମିକ ତଦନ୍ତରେ ଦ୍ରୁତ ଗତି ଯୋଗୁଁ ଦୁର୍ଘଟଣା ଘଟିଛି ବୋଲିମନେକରାଯାଉଛି।ତଥାପି ବାସ୍ତବିକ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ।

# ଇଣ୍ଟିଗ୍ରେସନର ୧୨ ବର୍ଷ ପୂର୍ତ୍ତି ଦିବସ




ବାଲେଶ୍ୱର , ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଯୁବ ସାଂସ୍କୃତିକ ସଂଗଠନ ଇଣ୍ଟିଗ୍ରେସନ ୧୨ ବର୍ଷ ପୂର୍ତ୍ତି ପାଇଁ ବାଲେଶ୍ୱର ପୁରୁଣା ଷ୍ଟାଡିୟମ୍‌ରେ ତିନି ଧରି ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ହେବ ବୋଲି ସାଧାରଣ ସଂପାଦକ ଶ୍ରୀ ଗୌତମ ସାହୁ , ସଭାପତି ଚିତ୍ତ ରଞ୍ଜନ ପଣ୍ଡା ଓ ଉପ ସଭାପତି ଡକ୍ଟର କୁମାର ଦେବାଶିଷ ପ୍ରଧାନ , ସମ୍ପାଦକ ଉମେଶ ଚନ୍ଦ୍ର ବେହେରା ପ୍ରେସ ମିଟ ରେ କହିଥିଲେ । ସେହିପରି ୧୬ ତାରିଖ ସକାଳ ଆଠଟାରୁ ବିନୟିକା ଡାଇଗ୍ନୋଷ୍ଟିକ ଓ ଇଣ୍ଟିଗେସନ ମିଳିତ ଆନୁକୁଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ହେବ ବୋଲି କହିଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତା , ଆଳୁଚାମଚ , ଜିଲାପି ରେସ, ଫ୍ରଗ ରେସ , ସ୍ଲାଇଡର ରେସ , ଡାନ୍ସ ,ବେବି ଫେନ୍ସି ଡ୍ରେସ , ସଙ୍ଗ, ଡ୍ରଇଂ ପ୍ରଭୃତି ଆୟୋଜନ କରାଯାଇଛି । କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ୧୭ ତାରିଖ ରେ ପଞ୍ଜାବ ର ସୁପର ଷ୍ଟାର ସିଙ୍ଗର ମନି ଧରମ କଟ, ଇନଷ୍ଟାଗ୍ରାମ ଭାଇରାଲ ସନ୍ତୋଷ ମ୍ୟୁଜିକ ଟ୍ରୁପ ସହିତ ସଂଗୀତ ପରିବେଷଣ କରିବେ । ୧୮ ତାରିଖ ସନ୍ଧ୍ୟାରେ ଅଲିଉଡ ସିଙ୍ଗର ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହେବ । ମୋଟ ଉପରେ ଇଣ୍ଟିଗ୍ରେସନ ୧୨ ବର୍ଷ ପଦାର୍ପଣ ପାଇଁ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଲୋକେ ସଙ୍ଗୀତ ର ମଜା ନେବେ ବୋଲି କହିଥିଲେ। ଏହି ପ୍ରେସ ମିଟ୍ ରେ ଆଲୋକ ମାଝୀ, ନିମାଇ ନନ୍ଦୀ , ନବ ପ୍ରସାଦ ଭୂୟାଁ , ଚନ୍ଦନ ମହାଳିକ , ସତ୍ୟଜିତ ସାହୁ , ପ୍ରହ୍ଲାଦ ଶୁକ୍ଳା , ସୁସ୍ମିତା ଶୁକ୍ଳା , ଜୀବନ ମହାପାତ୍ର , ରୁଦ୍ର ନାରାୟଣ ଜେନା , ରାକେଶ ଦାସ ପ୍ରମୁଖ ପ୍ରେସ ମିଟ ରେ ଉପସ୍ଥିତ ଥିଲେ।

# ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ , ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରତାଇ ସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କେଦାର ନାଥ ମହାନ୍ତି, ବରେଣ୍ୟ ଅତିଥି ବିଦ୍ୟାଳୟର ଆଲୁମିନି କମିଟିର ସଭାପତି ସୁଂଧାଂଶୁ ପଣ୍ଡା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁପ୍ରଭା ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,ପୂର୍ଣ୍ଣ ଚନ୍ଦ୍ର ମଣ୍ଡଳ ସିଆରସିସି, ହୃଦାନନ୍ଦ ପ୍ରଧାନ ପରିଚାଳନା କମିଟିର ସଭାପତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ସରୋଜ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷୟିତ୍ରୀ ମାନଙ୍କୁ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ନାୟକ, ଶ୍ୱେତପଦ୍ମା ଦାସ, ସୁରଭୀ ରାଉତ,ହେମଲତା ପଣ୍ଡା, ଶିକ୍ଷକ ତ୍ରିଲୋଚ ଖଣ୍ଡା, ପଙ୍କଜ ମୁର୍ମୁ, ଚିତ୍ତରଞ୍ଜନ ପାତ୍ର,ଅଜୟ କୁମାର କାମିଲା ତାରେଶ ଜେନା, ଘନଶ୍ୟାମ ମାଝୀ,ରଞ୍ଜିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟା ରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପାରଦର୍ଶିତା ପାଇଁ ପୁରସ୍କାର ବିତରଣ କରାଯାଇଥିଲା।

# ବାଘାଯତୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ

ଓଡଙ୍ଗୀ, ୧୫/୧ (ନି.ପ୍ର): ବାଘାଯତୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡଙ୍ଗୀରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ତା ୧୩.୦୧.୨୦୨୬ରିଖରେ ଭବ୍ୟ ଓ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ସମାରୋହର ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସତ୍ୟରଞ୍ଜନ ଭୂୟାଁ। ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ସେ ଛାତ୍ରଛାତ୍ରୀମାନଙ୍କୁ କେବଳ ଭଲ ଛାତ୍ର ନୁହେଁ, ବରଂ ଭଲ ମଣିଷ ହେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସଦର, ବାଲେଶ୍ୱରର ଅଧ୍ୟକ୍ଷ ଶ୍ରୀ ଗୋକୁଳ କୃଷ୍ଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ପ୍ରତ୍ୟେକ କାର୍ଯ୍ୟରେ ସକାରାତ୍ମକ ଚିନ୍ତାଧାରା ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ଏହା ଜୀବନର ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ପ୍ରଦୀପ କୁମାର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ନିଜ ରୁଚିକ୍ଷେତ୍ରକୁ ଚିହ୍ନଟ କରି



ସେଥିରେ ମନୋନିବେଶ ସହିତ ଆଗକୁ ବଢ଼ିବାକୁ ଓ ଶ୍ରେଷ୍ଠତା ଅର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଓ ବକ୍ତାମାନଙ୍କ ମଧ୍ୟରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୋପୀନାଥପୁର ପ୍ରଧାନଶିକ୍ଷକ ଶ୍ରୀ ହରିପଦ ଭୂୟାଁ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀ ପୁଲିନ ଚନ୍ଦ୍ର ଘୋଷ ଓ ଶ୍ରୀ ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ସାଧାରଣ ସଭାରେ ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ସଦସ୍ୟ ଶ୍ରୀ ହାଡିବନ୍ଧୁ ପରିଡା, ଶ୍ରୀ ଦାମୋଦର ଦାସ, ଶ୍ରୀ ବାବୁରାମ ଦାସ, ଶ୍ରୀ ଉତ୍ସବ ଜେନା ଓ ଶ୍ରୀ ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମର ସଫଳ ପରିଚାଳନାର ଦାୟିତ୍ୱ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ବିକାଶ କୁମାର ରାଉଳ ନିଜେ ନେଇଥିଲେ। ବରିଷ୍ଠତମ ସହାୟକ ଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ରାଉତ ଅତିଥି ପରିଚୟ କରାଇଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ସଂସ୍କୃତ ଶିକ୍ଷକ ଶ୍ରୀ ନରେନ୍ଦ୍ର କୁମାର ଅଗସ୍ତି ପାଠ କରିଥିଲେ ଓ ସହାୟକ ଶିକ୍ଷୟିତ୍ରୀ ଶ୍ରୀମତୀ ସୌମ୍ୟା ଗିରି ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଅନ୍ୟ ସହକାରୀ ଶିକ୍ଷକ ଶ୍ରୀମତୀ ଝରଣା ନାୟକ , ଶ୍ରୀମତୀ ରାଜଶ୍ରୀ ପ୍ରିୟଦର୍ଶିନୀ ରାଉତ ଓ କ୍ରୀଡା ଶିକ୍ଷକ ଶ୍ରୀ ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ସମାରୋହରେ ଅନେକ ପ୍ରସିଦ୍ଧ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ ଓ ସାର୍ଥକତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ତଥା ପ୍ରଧାନ ଶିକ୍ଷକ ନିଜେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣକରି ଉତ୍ସାହିତ କରିଥିଲେ ।

# ଜାତୀୟ ଯୁବ ଉତ୍ସବରେ ଚିତ୍ରାଙ୍କନ ବିଜେତାଙ୍କୁ ସମ୍ବର୍ଦ୍ଧିତ

ବାଲେଶ୍ୱର , ୧୫/୧ (ନି.ପ୍ର): ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଯୁବ ଉତ୍ସବରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ଜିତି ବାଲେଶ୍ୱର ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ବାଦଲ ନାୟକଙ୍କୁ ଆଜି ଜିଲ୍ଲା ପ୍ରଶାସନ ବାଲେଶ୍ୱର ରେଳ ଷ୍ଟେସନ ଠାରେ ସ୍ୱାଗତ କରିଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ବାଲେଶ୍ୱର ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ବାଦଲଙ୍କୁ ସମ୍ମାନିତ କରି ତାଙ୍କର ଏହି ଜାତୀୟ ସ୍ତରର ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବରୁ ବାଲେଶ୍ୱର ରେଳୱେ ଷ୍ଟେସନ ଠାରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହ ବାଲେଶ୍ୱର କଲେଜ୍ ଅଫ୍ ଆର୍ଟସ୍ ଏଣ୍ଡ କ୍ରାଫ୍ଟସ୍ ର ଅଧ୍ୟାପକ ଓ କର୍ତ୍ତୃପକ୍ଷମାନେ ସ୍ନେହପୂର୍ଣ୍ଣ ଭାବେ ସ୍ୱାଗତ କରିଥିଲେ। ଜିଲ୍ଲା ପ୍ରଶାସନ ତାଙ୍କର ପ୍ରତିଭା, ସୃଜନଶୀଳତା ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଏହି ସଫଳତା ଜିଲ୍ଲାର ଯୁବ କଳାକାରମାନଙ୍କ ପାଇଁ ପ୍ରେରଣା ସ୍ୱରୂପ ହେବ ବୋଲି ଆଶା ପ୍ରକାଶ କରିଛି।

# ଗୋ ମାତା ସେବା ସଙ୍ଗଠନ ପକ୍ଷରୁ ଗୋ ମାତା ପୂଜା ସହିତ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଆରମ୍ଭ

ଜଳେଶ୍ୱର, ୧୫/୧ (ନି.ପ୍ର): ହିନ୍ଦୁ ଧର୍ମରେ ଗାଈକୁ ଉଚ୍ଚ ସ୍ଥାନ ଦିଆଯାଇଛି। ବିଶ୍ୱାସ ରହିଛି ଯେ,ଗୋ-ମାତାଙ୍କ ଶରୀରରେ ୩୩ କୋଟି ଦେବତା ବାସ କରନ୍ତି।ତେଣୁ ଗୋ-ସେବା ଦ୍ୱାରା ସମସ୍ତ ଦେବାଦେବୀ ପ୍ରସନ୍ନ ହୋଇଥାନ୍ତି ଏବଂ ଜୀବନରେ ସୁଖ ସମୃଦ୍ଧି ଭରି ରହିଥାଏ।ତେଣୁ ଆଜି ୧୦ ଘଟିକା ସମୟରେ ଜଳେଶ୍ୱର ବ୍ଲକ ମହିସାମୁଣ୍ଡା ବାସୁଳି ମନ୍ଦିର ପଡିଆ ସମ୍ମୁଖରେ ଗୋ ମାତା ସେବା ସଙ୍ଗଠନ ପକ୍ଷରୁ ଶିକ୍ଷୀ ବସନ୍ତ ଦାସ,କେଶବ ଜେନା ଓ ତପନ ସିଂହଙ୍କ ପ୍ରଚେଷ୍ଟାରେ ଗୋ ମାତା ପୂଜା ସହିତ ଅଷ୍ଟମ ପ୍ରହରୀ ନାମ ଯଜ୍ଞ୍ୟ ଅନୁଷ୍ଠିତ ହୋଇଥିଲା। ସକାଳୁ ସକାଳୁ ଗ୍ରାମର ପୁରୁଷ



ଏବଂ ମହିଳା ମାନେ ସ୍ନାନ କରି ୫୦ରୁ ଉର୍ଦ୍ଧ୍ ଗୋ ମାତାଙ୍କୁ ହଳଦି ପାଣି ରେ ଗୋଡ ଧୁଆଇ ହଳଦୀ ଚନ୍ଦନ ଲଗାଇ ବିଭିନ୍ନ ପ୍ରକାରର ଖାଦ୍ୟ ଖୁଆଇ ବନ୍ଦାପନା କରି ପ୍ରଣାମ କରିଥିଲେ।ଏହି କାର୍ଯ୍ୟକ୍ରମ ଚାରି ବର୍ଷ ଧରି ଚାଲୁ ରହିଛି। ଆସନ୍ତା କାଲି ଅଷ୍ଟମ ପ୍ରହରୀ ନାମ ସଙ୍କୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଅଛି। ଦିଲ୍ଲୀପ ପଣ୍ଡା, ମାଧବ ଜେନା, ଭୂଳା ମାହାନ୍ତି,ଟିଟୁ ଦାସ, ପପୁ ଜେନା,ସାନୁ ଜେନା,ପଦୁ ମହାଳିକ,ଗୋବିନ୍ଦ ଦାସ, ବବୁଲୁ ଜେନା, ରାଜୁ ସିଂ, କାମିନୀ ଜେନା, ସନ୍ଧ୍ୟା ଜେନା, ସୁମିତ୍ରା ସିଂ, କାହ୍ନୁ ଜେନା, ଲକ୍ଷ୍ମଣ ପଣ୍ଡା ପ୍ରମୁଖ ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ।

# ଓଡ଼ିଆଙ୍କ ତ୍ରାଣକର୍ତ୍ତା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମଦିନରେ ସୃଷ୍ଟି ପକ୍ଷରୁ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ

ବାଲେଶ୍ୱର, ୧୫/୧ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ନବଗଠିତ ସମାଜ ପ୍ରତି ସମର୍ପିତ ସାମାଜିକ ଅନୁଷ୍ଠାନ ସୃଷ୍ଟି ପକ୍ଷରୁ ଉକ୍ତ ପଞ୍ଚାୟତର ଓଡ଼ିଆ ଭାଷା ସାହିତ୍ୟର ରକ୍ଷାକର୍ତ୍ତା ବ୍ୟାସକବି ଫକୀରମୋହଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପଳାସପୁର ଗ୍ରାମର ଜନଜାତି ଉପଜାତି ବସ୍ତିରେ ଅସହାୟ ବ୍ୟକ୍ତିଙ୍କୁ



କମ୍ବଳ ବଣ୍ଟନ ସହ ପାଳିତ ହୋଇଥିଲା। ଏଥିସହିତ ସେହିବସ୍ତିର କୁନିକୁନି ପିଲାମାନଙ୍କୁ ପାଠ୍ୟ ଉପକରଣ ଓ ଖେଳ ସାମଗ୍ରୀ ସଂଗଠନ ତରଫରୁ ପ୍ରଦାନକରାଯାଇ ଥିଲା। ବ୍ୟାସକବିଙ୍କ ସମର୍ପିତ ଜୀବନ ବିଷୟରେ ସ୍ମରଣ କରିବା ସହ ଓଡ଼ିଆ ପର୍ବ ମକରର ମହାତ୍ମ୍ୟ ସାଧାରଣରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଗଠନର ମୁଖ୍ୟ ସନତ କୁମାର ପରିଡା ଓ ଅନ୍ୟ ମାନଙ୍କ ମଧ୍ୟରେ ମାନବଧିକାର କର୍ମୀ ସୁଧାକର ସେଠୀ, ସତ୍ୟଜିତ ସିଂହ (ମା ହାଣ୍ଡିଶାଳ), ପ୍ରାକ୍ତନ ସରପଞ୍ଚ ବିରୂପାକ୍ଷ୍ୟ ମହାପାତ୍ର, ସାମାଜିକକର୍ମୀ ସବ୍ୟସାଚି ପ୍ରଧାନ,ଅବନୀ ରାଉତ, ହରିଶ୍‌ଶଙ୍କର ଆଚାର୍ଯ୍ୟ,ଶକ୍ତିପ୍ରସାଦ ରାଉତ, ସୌମ୍ୟ ରଂଜନ ବାରିକ, ଗୌତମ ପ୍ରଧାନ, ରତିରଞ୍ଜନ ଆଚାର୍ଯ୍ୟ, ଶୁଭ୍ରଜିତ୍ ମହାନ୍ତି, ଚନ୍ଦନ ରାଜ ରାଉତ, ଶୁଭ୍ରାଂଶୁ ରାଉତ ଉପସ୍ଥିତ ରହି ଓଡ଼ିଆ ଗଣପର୍ବ ମକର ଓ ବ୍ୟାସ କବିଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳିତ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ

ଖୋର୍ଦ୍ଧା , ୧୫/୧ (ନି.ପ୍ର): ଜଳ ହିଁ ଜୀବନ । ଜଳ ସମ୍ପଦର ସୁ ବିନିଯୋଗ ଏବଂ ଜଳର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ । ପାନୀୟ ଜଳ ହେଉ କି ଚାଷ ଉପଯୋଗୀ ଜଳ ହେଉ, ପ୍ରାଣୀ ହେଉ କି ଉଦ୍ଭିଦ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଜୀବନ ଧାରଣ ଓ ବଞ୍ଚିବା ପାଇଁ ଯେଉଁ ଉତ୍ସ ଗୁଡ଼ିକ ଅଛି ତନ୍ମଧ୍ୟରୁ ଜଳ ଏକ ମୁଖ୍ୟ ସମ୍ବଳ ଅଟେ । ଏଣୁ ଜଳର ସର୍ବୋତ୍ତମ ବ୍ୟବହାର ଚାଷୀ ଭାଇମାନେ ଓ ପ୍ରତ୍ୟେକ ଜନସାଧାରଣ ନିଜନିଜ କ୍ଷେତ୍ରରେ କରିପାରିଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ସଂବୃଦ୍ଧ ହୋଇ ପାରିବ ବୋଲି ଆଜି ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ବିଭାଗ ପରିସରରେ ଜିଲ୍ଲା ସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରି




ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ ଯୋଗଦେଇ କହିଲେ ଖୋର୍ଦ୍ଧା ଜିଲ୍ଲାର ଅଧିକାଂଶ ଲୋକେ କୃଷି ଉପରେ ନିର୍ଭର କରି ସେମାନଙ୍କ ପରିବାର ଭରଣ ପୋଷଣ କରନ୍ତି । ଏଣୁ ବର୍ଷା ଜଳର ସୁରକ୍ଷା, ପୋଖରୀ ଜଳର ସୁରକ୍ଷା, ଖରିପ ଓ ରବି ଚାଷ ସମୟରେ ଜଳର ଆବଶ୍ୟକତା ପୂର୍ଣ୍ଣ ହୋଇ ପାରିଲେ ସମଗ୍ର ଖୋର୍ଦ୍ଧା ଜିଲ୍ଲା ଆହୁରି ଶସ୍ୟ ଶ୍ୟାମଳା ହୋଇ ଚାଷୀ ଓ କୃଷକ ମାନଙ୍କ ମେରୁଦଣ୍ଡ ମଜବୁତ୍ ସହ ଆର୍ଥିକ ପ୍ରଗତି ହେବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ଯୋଗଦେଇ କହିଲେ ଜଳସେଚନ ପ୍ରକଳ୍ପ ଗୁଡ଼ିକ କେତେକାଂଶରେ ସଠିକ୍ ସମୟରେ ବିଭିନ୍ନ ଚାଷ କାର୍ଯ୍ୟରେ ପାଣିର ଅଭାବ ଯୋଗୁଁ ଚାଷୀକୁଳ କୃଷି କାର୍ଯ୍ୟରେ ଆଶାନୁରୂପ ଉତ୍ପାଦ ପାଇ ପାରୁ ନାହାଁନ୍ତି । ଏଣୁ ଜଳ ସମ୍ପଦ ବିଭାଗ, କ୍ଷୁଦ୍ର ଜଳ ସେଚନ ବିଭାଗ, ଉଠା ଜଳସେଚନ ବିଭାଗ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, କେନ୍ଦ୍ରୀୟ ଜଳ ସମ୍ପଦ ଖଣ୍ଡ ରାଜେଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ସହକାରୀ ନିର୍ବାହୀ ଯନ୍ତ୍ରୀ, ଶାଳିଆ ଜଳ ସମ୍ପଦ ବିଭାଗ ସୁରେନ୍ଦ୍ର କୁମାର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣି ପଂଚାୟତକୁ ସୁଦୃଢ଼ କରିବା ଉପରେ ଉଭୟ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ସମସ୍ତ ପାଣି ପଂଚାୟତ ଅଂଶୀଦାର ମାନେ ସମନ୍ୱୟ ରକ୍ଷା କରି କୃଷି କ୍ଷେତକୁ ବାରମାସୀ ସବୁଜିମା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରକାଶ ଥାଉକି ଜଳ ସମ୍ପଦ ବିଭାଗ ଅଧୀନ ୨୨ ଗୋଟି ପାଣି ପଂଚାୟତ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ୯୩ ଗୋଟି ପାଣି ପଂଚାୟତ, ଉଠା ଜଳସେଚନ ବିଭାଗ ଅଧୀନ ୪୬୧ ଗୋଟି ପାଣି ପଂଚାୟତ ଅଛି । କୃଷି କ୍ଷେତ୍ରରେ ସଫଳତା ଆଣିଥିବା ଚାଷୀ ଅଭିମନ୍ୟୁ ବେହେରା ତାଙ୍କର ଅଭିଜ୍ଞତା ମାଧ୍ୟମରେ ଉପସ୍ଥିତ ଚାଷୀ ଓ କୃଷକ ଭାଇ ମାନଙ୍କୁ ଅନୁଭୂତି ବଖାଣି ଥିଲେ । ସଭା କାର୍ଯ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ, ଖୋର୍ଦ୍ଧା, ଜଳ ସମ୍ପଦ, ପାକିଯା ହୁସେନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଦିବସ ପାଳନ ରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,କେନାଲ ଡିଭିଜନ, ପ୍ରାଚୀ ଜଳ ସମ୍ପଦ ଖଣ୍ଡ, ଅଧିକାରୀ, କର୍ମଚାରୀ, ଚାଷୀ, କୃଷକ ଓ ଗଣ ମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । ଦିବସ ଉପଲକ୍ଷେ ପାଣି ପଂଚାୟତ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।

# ଅପ୍ରେଲରେ ବଡସାହି ମହୋତ୍ସବ ଚନ୍ଦ୍ରସେଣା



ବଡସାହି , ୧୫/୧ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣମାସୀ ସେବା ସଂସ୍ଥାନର ବୁଗୁଡେଇ ବିହାର ଠାରେ ମକର ମିଳନ ଟ୍ରଷ୍ଟି ରାଜକିଶୋର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଧର୍ମରନ୍ ପୂର୍ଣଚନ୍ଦ୍ର ବୁଗୁଡେଇ ଯୋଗଦାନ କରି ଧନ ଉପାର୍ଜନ ଅତିସହଜ କିନ୍ତୁ ଧନର ସବୁପୋଯୋଗ ଖୁବ୍ କଠିନ ବୋଲି ମନ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ବେହେରା, ଡ: ଜଗବନ୍ଧୁ ଆଚାର୍ଯ୍ୟ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ରାଜେନ୍ଦ୍ର କୁମାର ଜେନା, ରଣଜିତ୍ କୁମାର ଦାସ, ସଚ୍ଚିଦାନନ୍ଦ ବିଶ୍ୱାଳ, ମହେଶ୍ୱର ସେନାପତି ବକ୍ତବ୍ୟ ରଖିଥିଲେ । ଆଗାମୀ ଅପ୍ରେଲ ମାସ ୪ତାରିଖ ପୂର୍ଣମାସୀ ଜୟନ୍ତୀ ଉତ୍ସବକୁ ଚଳିତ ବର୍ଷ ଠାରୁ ବଡସାହି ମହୋତ୍ସବ ଚନ୍ଦ୍ରସେଣା ନାମରେ ପାଳିତ କରାଯିବାର ନିଷ୍ପତି ହୋଇଥିଲା । ଯେଉଁ ମହୋତ୍ସବରେ ବୟ ବନ୍ଦନା, ନାରାୟଣ ବସ୍ତିରେ ଅନ୍ନ-ବସ୍ତ୍ର ଦାନ, ସ୍ଥାନୀୟ ଶିକ୍ଷାନୁଷ୍ଠାନର ପ୍ରଥମ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସ୍ଥିର ହୋଇଥିଲା। ବୈଠକରେ ବଡସାହିର ବିକାଶ ପାଇଁ ଯଥାଶୀଘ୍ର ବସଷ୍ଟାଣ୍ଡ ନିର୍ମାଣ, ବଡସାହି ହାଟଚାଳି ପିଣ୍ଡି ନିର୍ମାଣ ପାଇଁ ଦାବୀ ହୋଇଥିଲା।




**ଶୀତଦିନେ ଶରୀରକୁ ସୁସ୍ଥ ଏବଂ ଗରମ ରଖିବା ପାଇଁ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ଏହି ଋତୁରେ 'ଅଳସୀ ମଞ୍ଜି' ଖାଇବା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ । ଅଳସୀରେ ଓମେଗା-୩ ଫ୍ୟାଟି ଏସିଡ୍, ଫାଇବର, ପ୍ରୋଟିନ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ । ଏହାର ପ୍ରକୃତି ବା ତାସିର 'ଗରମ' ହୋଇଥିବାରୁ ଶୀତଦିନେ ଏହା ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ ।**

### ଶୀତଦିନେ ଅଳସୀ ଖାଇବାର ଫାଇଦା :

ହୃଦୟକୁ ସୁସ୍ଥ ରଖେ: ଅଳସୀରେ ଥିବା ଆଲଫା-ଲିନୋଲେନିକ ଏସିଡ୍ (ଓମେଗା-୩) ରକ୍ତ ନଳୀରେ କୋଲେଷ୍ଟ୍ରଲ ଜମା ହେବାକୁ ଦିଏ ନାହିଁ । ଏହା ହୃଦଘାତ ବା ହାର୍ଟ ଆଟାକ୍‌ର ବିପଦକୁ ହ୍ରାସ କରିଥାଏ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ।

ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି: ଶୀତଦିନେ ଅନେକ ଲୋକଙ୍କର ଗଣ୍ଠି ଯନ୍ତ୍ରଣା ବା ଆଣ୍ଠୁଗଣ୍ଠି ବାତ ସମସ୍ୟା ବଢ଼ିଯାଏ । ଅଳସୀରେ ଥିବା ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ଗଣ୍ଠିର ଫୁଲା ଏବଂ ଯନ୍ତ୍ରଣା କମାଇବାରେ ସାହାଯ୍ୟ କରେ ।

ଓଜନ ହ୍ରାସ କରିବାରେ ସହାୟକ: ଯଦି ଆପଣ ଓଜନ କମାଇବାକୁ ଚାହୁଁଛନ୍ତି, ତେବେ ଅଳସୀ ଏକ ଭଲ ବିକଳ୍ପ। ଏଥିରେ ଥିବା ପ୍ରଚୁର ଫାଇବର ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ଭର୍ତ୍ତି ରଖିଥାଏ, ଯାହାଫଳରେ ବାରମ୍ବାର ଭୋକ ଲାଗେ ନାହିଁ ।

ହଜମ ପ୍ରକ୍ରିୟାରେ ଉନ୍ନତି: ଅଳସୀ ମଞ୍ଜି କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବାରେ ଖୁବ୍ ପ୍ରଭାବଶାଳୀ। ଏହା ପାକସ୍ଥଳୀକୁ ସଫା ରଖେ ଏବଂ ହଜମ ଶକ୍ତି ବଢ଼ାଇଥାଏ ।

ତ୍ୱଚା ଓ କେଶ ପାଇଁ ହିତକର: ଶୀତଦିନେ ତ୍ୱଚା ଶୁଷ୍କ ହୋଇଯାଏ। ଅଳସୀ ଖାଇବା ଦ୍ୱାରା ତ୍ୱଚାରେ ପ୍ରାକୃତିକ ଚମକ ଆସେ ଏବଂ କେଶ ଝଡ଼ିବା କମିଥାଏ ।

ଅଳସୀ ଉପକାରୀ ହେଲେ ମଧ୍ୟ ଏହାକୁ ସଠିକ୍ ପରିମାଣରେ ନଖାଇଲେ କିଛି ସମସ୍ୟା ଦେଖାଦେଇପାରେ:

ଅଳସୀରେ ଅଧିକ ଫାଇବର ଥାଏ। ଯଦି ଆପଣ ଏହାକୁ ଖାଇବା ସହିତ ପର୍ଯ୍ୟାପ୍ତ ପାଣି ପିଉନାହାନ୍ତି, ତେବେ ପେଟ କାଟିବା କିମ୍ବା କୋଷ୍ଠକାଠିନ୍ୟ ବଢ଼ିବାର ଆଶଙ୍କା ଥାଏ। ଅଳସୀର ପ୍ରକୃତି ଗରମ ହୋଇଥିବାରୁ ଗର୍ଭବତୀ ମହିଳାମାନେ ଏହାକୁ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। କିଛି ଲୋକଙ୍କୁ ଅଳସୀ ଖାଇବା ଦ୍ୱାରା ଚର୍ମରେ କୁଣ୍ଡେଇ ହେବା କିମ୍ବା ନାଲି ପଡ଼ିବା ଭଳି ଆଲର୍ଜି ହୋଇପାରେ। ଦିନକୁ ୧ ରୁ ୨ ଚାମଚରୁ ଅଧିକ ଅଳସୀ ଖାଇବା ଅନୁଚିତ। ଅଧିକ ଖାଇଲେ ଏହା ଝାଡ଼ା ବା ଡାଇରିଆ କରାଇପାରେ।

♦ ଅଳସୀ ମଞ୍ଜିକୁ କେବେବି କଞ୍ଚା ଖାଆନ୍ତୁ ନାହିଁ। ଏହାକୁ ହାଲୁକା ଭାଜି କରି ଖାଆନ୍ତୁ।

♦ ଭଜା ଅଳସୀକୁ ଗୁଣ୍ଡ କରି ରଖନ୍ତୁ। ଏହି ଗୁଣ୍ଡକୁ ଦହି, ସାଲାଡ୍, କ୍ଷୀର କିମ୍ବା ଓଟସ୍ ସହିତ ମିଶାଇ ଖାଇପାରିବେ।

♦ ସକାଳେ ଖାଲି ପେଟରେ ଉଷୁମ ପାଣି ସହ ଏକ ଚାମଚ ଅଳସୀ ଗୁଣ୍ଡ ଖାଇବା ସବୁଠାରୁ ଭଲ।

ଶୀତଦିନେ ଅଳସୀ ମଞ୍ଜି ଖାଇବା ଏକ ଉତ୍ତମ ଅଭ୍ୟାସ। ଏହା ଶରୀରକୁ ଭିତରୁ ଗରମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କିନ୍ତୁ ମନେରଖନ୍ତୁ, ଏହାକୁ ସୀମିତ ପରିମାଣରେ ଖାଆନ୍ତୁ ଏବଂ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଯଦି ଆପଣଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଅଛି, ତେବେ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ କଥା ହୁଅନ୍ତୁ।

# ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ ! ପରୀକ୍ଷା ନକରି କରନ୍ତୁ ଚିହ୍ନଟ

**ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ ।**

<u>ସେହି ଲକ୍ଷଣଗୁଡ଼ିକ ବିଷୟରେ ଆସନ୍ତୁ ଜାଣିବା</u>

୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ବା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍ ?ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ବା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଳା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍‌ର ସ୍ପଷ୍ଟ ପ୍ରମାଣ।



ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ । ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍‌ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ବା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ବା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍ ?

ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି।

# ଚିନ୍ତା ହଟାଅ ସୁସ୍ଥ ରୁହ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ସମସ୍ତେ ଚିନ୍ତାଗ୍ରସ୍ତ ହେଉଛନ୍ତି। ଏଥିରୁ ସମସ୍ତେ ମୁକ୍ତି ପାଇବାକୁ ଚାହାନ୍ତି। ବିଭିନ୍ନ କାର୍ଯ୍ୟ ଓ କାର୍ଯ୍ୟର ଚାପ ବ୍ୟକ୍ତିକୁ ଚିନ୍ତାରେ ରଖେ। ଏହି ଚିନ୍ତା ପାଇଁ ହିଁ ବ୍ୟକ୍ତି ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ବୃଦ୍ଧି, ମେଦବହୁଳ, ଡାଇବେଟିସ୍, ହୃଦ୍‌ରୋଗ ଓ ହୃଦ୍‌ଘାତ ଭଳି ବିଭିନ୍ନରୋଗର ଶିକାର ହେଉଛନ୍ତି। ଏଭଳି ଚିନ୍ତାରୁ ମୁକ୍ତି ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏଥିପାଇଁ ବହୁ ଔଷଧ ମଧ୍ୟ ସେବନ କରନ୍ତି। ହେଲେ ଚିନ୍ତା ପାଖ ଛାଡେନି। କାରଣ ଚିନ୍ତା ଯୋଗୁଁ ମନ ଭାରାକ୍ରାନ୍ତ ରହେ। ଔଷଧ ଖାଇବା ଦ୍ୱାରା ମନକୁ କେବେ ହାଲକା କରାଯାଇ ପାରେନା। ଏଥିପାଇଁ ଡାକ୍ତର କୁହନ୍ତି, 'ଚିନ୍ତା ହଟାଅ ସୁସ୍ଥ ରୁହ'। ଚିନ୍ତାରୁ ମୁକ୍ତି ପାଇଁ ଆବଶ୍ୟକ ଯୋଗ, ବ୍ୟାୟାମ ଓ କସରତ। ଏହା ଉପରେ ଗବେଷଣା କରୁଥିବା କିଛି ଗବେଷକ ମାନେ ଦାବି କରିଛନ୍ତି। ଯେ କସରତ ବା ବ୍ୟାୟାମ କରିବା ଦ୍ୱାରା ଜଣେ ବ୍ୟକ୍ତି ସମସ୍ତ ଚିନ୍ତାରୁ ମୁକ୍ତ ରହିପାରିବ। ଯେଉଁ ବ୍ୟକ୍ତି ନିୟମିତ ୧୫ରୁ ୨୦ ମିନିଟ୍ ବ୍ୟାୟାମ କରେ, ସେ ବ୍ୟକ୍ତି ନିଶ୍ଚୟ ଚିନ୍ତାମୁକ୍ତ ରହିବ। ଚିନ୍ତାରୁ ମୁକ୍ତି ପାଇବା ପାଇଁ ମାନସିକ ବ୍ୟାୟାମ ସହ ଶାରିରୀକ ବ୍ୟାୟାମ ମଧ୍ୟ ଏକାନ୍ତ ଆବଶ୍ୟକ। ଯଦି ଆପଣ କଷ୍ଟ ବ୍ୟାୟାମ କରିପାରୁ ନାହାଁନ୍ତି, ତେବେ ପ୍ରତିଦିନ ସକାଳୁ ୨ରୁ ୩ କିଲୋମିଟର ପତଳା ଚାଲନ୍ତୁ। ସାଇକେଲିଂ କରନ୍ତୁ। ସାଙ୍ଗମାନଙ୍କ ସହ ହସ ପ୍ରତିଯୋଗୀତା କରନ୍ତୁ। ଦେଖିବେ ଚିନ୍ତା ଦୂରେଇ ଯିବ।




ଫ୍ୟାସନ ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼ିନଥାଏ । କିନ୍ତୁ ଥରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ ସେହି ଫ୍ୟାସନ୍ ବେକର ଫାଶ ପରି ଲାଗେ । ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି । ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି । ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ । ସେଲିବ୍ରେଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରାନ୍ତି ଯୁବପିଢ଼ି । କିନ୍ତୁ ବାରମ୍ବାର ଚୁଟିରେ ରଙ୍ଗ କରିବା କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ୬ ମାସ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା । ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନି ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା ।

ବାରମ୍ବାର ଚୁଟି କଲର୍ କରିବା ପରେ ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡନି ଖରାପ ଥିଲା ବୋଲି ଜଣାପଡ଼ିଥିଲା । ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ। କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ । ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା । ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନି ରୋଗ ହୋଇଥିବା ଜଣାପଡ଼ିଲା । ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ
ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଦଜନକ ଉପାଦାନ ରହିଛି । କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି ନିଜ ଲୁକ୍ ଏବଂ ପ୍ରମୋସନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ । ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାରଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ୨୦୨୫ ପ୍ରାରମ୍ଭରେ ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା । ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ।

♦ ରଙ୍ଗ ଲଗାଇବା ପୂର୍ବରୁ ସବୁବେଳେ ଏକ ପ୍ୟାଚ୍ ପରୀକ୍ଷା କରନ୍ତୁ । ଏହି ପରୀକ୍ଷାରେ ଚୁଟିର ଏକ ଛୋଟ ସ୍ଥାନରେ ରଙ୍ଗ ଲଗାନ୍ତୁ ଏବଂ ଯାଞ୍ଚ କରନ୍ତୁ ।

♦ ଚୁଟି ରଙ୍ଗ କରିବା ପୂର୍ବରୁ ତୁରନ୍ତ ଧୋଇବା ଉଚିତ୍ ନୁହେଁ କାରଣ ଏହା କେଶରେ ଥିବା ପ୍ରାକୃତିକ ତେଲକୁ ରାସାୟନିକ ପଦାର୍ଥରୁ ରକ୍ଷା କରିଥାଏ।

♦ ସବୁବେଳେ ଆମୋନିଆ-ମୁକ୍ତ ଏବଂ ପାରାବେନ୍-ମୁକ୍ତ କଲର୍ ବ୍ୟବହାର କରନ୍ତୁ । ଶସ୍ତା ବ୍ରାଣ୍ଡର କଲର କିଣି ଚୁଟି ସହିତ ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରନ୍ତୁ ନାହିଁ ।

♦ ଯଦି ଆପଣଙ୍କ କେଶ ପୂର୍ବରୁ ବହୁତ ଶୁଷ୍କ କିମ୍ବା ଡ୍ୟାମେଜ୍ ହୋଇଛି ତେବେ ପ୍ରଥମେ ଡିପ୍-କଣ୍ଡିସନିଂ କରନ୍ତୁ କିମ୍ବା ଚୁଟି ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ତା'ପରେ ହିଁ କେଶକୁ ରଙ୍ଗ କରିବା ବିଷୟରେ ଚିନ୍ତା କରନ୍ତୁ।

# ଶୀତ ଦିନେ ପିଉଛନ୍ତି କି କମ୍ ପାଣି ? ହୋଇପାରେ କିଡନି-ଲିଭର ସମସ୍ୟା

ଶୀତଦିନେ ପ୍ରାୟତଃ ଲୋକଙ୍କୁ ବହୁତ କମ୍ ଶୋଷ ଲାଗେ, ଯେଉଁଥିପାଇଁ ସେମାନେ ଦିନସାରା ମାତ୍ର ଏକ କିମ୍ବା ଦୁଇ ଗ୍ଲାସ ପାଣି ପିଇ ରହିଯାଆନ୍ତି । କିନ୍ତୁ ଆପଣ ଜାଣନ୍ତି କି କମ୍ ପାଣି ପିଇବା ଆପଣଙ୍କ ଶରୀରର ଅଙ୍ଗ, ବିଶେଷ କରି କିଡନି ଏବଂ ଲିଭର ପାଇଁ କେତେ ବିପଜ୍ଜନକ ହୋଇପାରେ । ଆପଣଙ୍କୁ ଶୋଷ ନଲାଗିଲେ ମଧ୍ୟ ଶରୀରର ଆଭ୍ୟନ୍ତରୀଣ ସଫେଇ ପାଇଁ ଶୀତଦିନେ ମଧ୍ୟ ପାଣିର ବହୁତ ଆବଶ୍ୟକତା ଥାଏ । ଜଣେ ବୟସ୍କ ବ୍ୟକ୍ତିଙ୍କୁ ଦିନକୁ ଅତି କମରେ ୨.୫ ରୁ ୩ ଲିଟର ପାଣି ପିଇବା ଉଚିତ । ଯଦି ଆପଣଙ୍କୁ ଶୀତରେ ସାଧା ପାଣି ପିଇବାରେ ଅସୁବିଧା ହେଉଛି, ତେବେ ଆପଣ ଏହାକୁ ଉଷୁମ କରି ପିଇପାରିବେ । ଏହା ବ୍ୟତୀତ ଆପଣ ନଡ଼ିଆ ପାଣି, ସତେଜ ଫଳ ରସ, ପନିପରିବା ଜୁସ୍ ଏବଂ ଘରେ ତିଆରି ସୁପ୍ ମାଧ୍ୟମରେ ମଧ୍ୟ ପାଣିର ପରିମାଣ ବଢ଼ାଇ ପାରିବେ ।



ବିଗିଡ଼ିପାରେ କିଡନିର ସ୍ୱାସ୍ଥ୍ୟ : କିଡନି ଆମ ଶରୀରକୁ ସଫା କରୁଥିବା ଏକ ମେସିନ୍ ପରି । ଏହା ରକ୍ତକୁ ସଫା କରି ମଇଳାକୁ ପରିସ୍ରା ବାଟେ ବାହାରକୁ ବାହାର କରିଥାଏ । ଯେତେବେଳେ ଆପଣ କମ୍ ପାଣି ପିଅନ୍ତି, କିଡନି ମଇଳାକୁ ବାହାର କରିପାରେ ନାହିଁ । ଏହାଦ୍ୱାରା କିଡନିରେ ଷ୍ଟୋନ ହେବାର ଆଶଙ୍କା ବଢ଼ିଯାଏ । ଏଥିସହ ପରିସ୍ରାରେ ସଂକ୍ରମଣ, ପୋଡ଼ାଜଳା ସମସ୍ୟା ହୋଇପାରେ ଏବଂ ଦୀର୍ଘ ସମୟ ଧରି ଏପରି ହେବା ଦ୍ୱାରା ଆପଣଙ୍କ କିଡନି ଦୁର୍ବଳ ହେବାକୁ ଲାଗେ ।

ଲିଭର ପାଇଁ ବଢ଼ିଯାଏ ଅସୁବିଧା: କମ୍ ପାଣି ପିଇବା ଦ୍ୱାରା ଲିଭର ଉପରେ ଖରାପ ପ୍ରଭାବ ପଡ଼ିଥାଏ, କାରଣ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ପାଇଁ ଲିଭରକୁ ପାଣିର ଆବଶ୍ୟକତା ଥାଏ । ପାଣିର ଅଭାବ ଯୋଗୁଁ ବିଷାକ୍ତ ପଦାର୍ଥ ଲିଭରରେ ଜମା ହେବାକୁ ଲାଗେ, ଯାହାଫଳରେ ଲିଭର ଉପରେ ଚାପ ପଡ଼େ ଏବଂ ଏହାର କାର୍ଯ୍ୟ ମନ୍ଥର ହୋଇଯାଏ । ଲିଭରର କାମ ହେଉଛି ଖାଦ୍ୟ ହଜମ କରିବା ଏବଂ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର କରିବା । ପାଣିର ଅଭାବ ହେଲେ ରକ୍ତ ମୋଟା ହେବାକୁ ଲାଗେ, ଯେଉଁଥିପାଇଁ ଲିଭରକୁ ନିଜ କାମ କରିବା ପାଇଁ ବହୁତ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହାଦ୍ୱାରା ଲିଭରରେ ପ୍ରଦାହ ହୋଇପାରେ ଏବଂ ଶରୀରର ଶକ୍ତି କମିବାକୁ ଲାଗେ ।

ପେଟ ସମସ୍ୟା ଏବଂ କୋଷ୍ଠକାଠିନ୍ୟ: ଶୀତଦିନେ ଆମେ ପ୍ରାୟତଃ ତେଲଛଣା କିମ୍ବା ଗରିଷ୍ଠ ଖାଦ୍ୟ ଖାଇଥାଉ । ଏହାକୁ ହଜମ କରିବା ପାଇଁ ପାଣି ଅତ୍ୟନ୍ତ ଜରୁରୀ । ଯଦି ଆପଣ କମ୍ ପାଣି ପିଇବେ, ତେବେ ପେଟ ଠିକ୍ ଭାବେ ସଫା ହେବ ନାହିଁ ଏବଂ କୋଷ୍ଠକାଠିନ୍ୟର ଅଭିଯୋଗ ରହିବ। ଏଥିସହ ପେଟରେ ଗ୍ୟାସ୍ ଏବଂ ଭାରିପଣ ମଧ୍ୟ ଅନୁଭବ ହେବ । ତେଣୁ ଶୀତଦିନେ କମ ଶୋଷ ଲାଗିଲେ ବି ଆବଶ୍ୟକ ଅନୁସାରେ ପାଣି ପିଇବା ଆବଶ୍ୟକ । ନଚେତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ । ଆଉ ଆପଣ ଛୋଟ ରୋଗରୁ ବଡ଼ ସମସ୍ୟାରେ ପଡ଼ିପାରନ୍ତି ।

# ଉପଭୋକ୍ତା ମୂଲ୍ୟ ସୂଚକାଙ୍କ: ନୂତନ ଭିତ୍ତି ବର୍ଷ ଓ ବାସ୍ତବତାର ସନ୍ଧାନ

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ଉପନୀତ ହୋଇଛି, ଯେଉଁଠାରେ ଦେଶର ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧିକୁ ମାପିବାର ପୁରାତନ ପଦ୍ଧତିକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ସମ୍ପ୍ରତି ପ୍ରକାଶିତ ଡିସେମ୍ବର ୨୦୨୫ର ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ, ଯାହା ମାତ୍ର ୧.୩୩% ରହିଛି, ତାହା ବର୍ତ୍ତମାନର ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (CPI) ସିରିଜର ଅନ୍ତିମ କିସ୍ତି ଅଟେ। ଏହି ପୁରୁଣା ସିରିଜର ଭିତ୍ତି ବର୍ଷ (Base Year) ୨୦୧୨ ରହିଥିଲା, ଯାହା ବର୍ତ୍ତମାନର ସମୟ ତୁଳନାରେ ବେଶ୍ ପୁରୁଣା। ଏହି ସଦ୍ୟତମ ତଥ୍ୟ ଏକ ବିଚିତ୍ର ତଥା ବିରୋଧାଭାସମୂଳକ ପରିସ୍ଥିତି ସୃଷ୍ଟି କରିଛି । ଯଦିଓ ସରକାରୀ ପରିସଂଖ୍ୟାନ ଅନୁଯାୟୀ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ଅଛି ଏବଂ ଏହା ଗତ କିଛି ବର୍ଷ ମଧ୍ୟରେ ତୃତୀୟ ସର୍ବନିମ୍ନ ସ୍ତରରେ ପହଞ୍ଚିଛି, କିନ୍ତୁ ସାଧାରଣ ଜନତାଙ୍କ ଦୈନନ୍ଦିନ ଅନୁଭୂତି ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି । ବଜାରରେ ଦରଦାମ୍ ବୃଦ୍ଧିର ବାସ୍ତବ ଚିତ୍ର ଏବଂ ସରକାରୀ କାଗଜପତ୍ରରେ ଥିବା ତଥ୍ୟ ମଧ୍ୟରେ ଏକ ବଡ଼ ଧରଣର ତାରତମ୍ୟ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ, ସରକାରଙ୍କ ଦ୍ୱାରା ୨୦୨୪କୁ ନୂତନ ଭିତ୍ତି ବର୍ଷ ଭାବରେ ଗ୍ରହଣ କରିବା ଏବଂ ଏକ ନୂତନ CPI ସିରିଜ୍ ଆରମ୍ଭ କରିବା ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏକ ସମୟୋପଯୋଗୀ ପଦକ୍ଷେପ ଅଟେ ।

ମୁଦ୍ରାସ୍ଫୀତି ମାପିବା ପାଇଁ ବ୍ୟବହୃତ ହେଉଥିବା ପୁରୁଣା ତଥ୍ୟ ବା ଡାଟାସେଟ୍ ବର୍ତ୍ତମାନର ଜଟିଳ ଅର୍ଥନୈତିକ ବାସ୍ତବତାକୁ ପ୍ରତିଫଳିତ କରିବାରେ ବିଫଳ ହେଉଛି। ୨୦୧୨ ମସିହାରୁ ଆଜି ପର୍ଯ୍ୟନ୍ତ ଭାରତୀୟ ପରିବାରମାନଙ୍କର ଉପଭୋକ୍ତା ବ୍ୟୟ ଶୈଳୀରେ ଅନେକ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଏକ ଦଶନ୍ଧି ପୂର୍ବେ ଲୋକମାନେ ନିଜ ଆୟର ଯେତିକି ଅଂଶ ଖାଦ୍ୟପେୟରେ ଖର୍ଚ୍ଚ କରୁଥିଲେ, ଆଜି ସେଥିରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। କିନ୍ତୁ ପୁରୁଣା ସୂଚକାଙ୍କରେ ଖାଦ୍ୟ ସାମଗ୍ରୀ ଉପରେ ଅତ୍ୟଧିକ ଭାରାଙ୍କ (Weightage) ଦିଆଯାଇଥିବାରୁ, ଏହା ବର୍ତ୍ତମାନର ପ୍ରକୃତ ମୁଦ୍ରାସ୍ଫୀତିକୁ ସଠିକ୍ ଭାବରେ ଦର୍ଶାଇ ପାରୁନାହିଁ । ଉଦାହରଣ ସ୍ୱରୂପ, ଡିସେମ୍ବର ମାସର ତଥ୍ୟ ଅନୁଯାୟୀ ମୁଦ୍ରାସ୍ଫୀତି ମାତ୍ର ୧.୩୩% ଥିବାବେଳେ, ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଦ୍ୱାରା ପରିଚାଳିତ 'ମୁଦ୍ରାସ୍ଫୀତି ପ୍ରତ୍ୟାଶା ସର୍ବେକ୍ଷଣ' (Inflation Expectations Survey) ଅନୁଯାୟୀ, ସାଧାରଣ ପରିବାରଗୁଡ଼ିକ ଅନୁଭବ କରୁଛନ୍ତି ଯେ ବର୍ତ୍ତମାନର ପ୍ରକୃତ ମୁଦ୍ରାସ୍ଫୀତି ପ୍ରାୟ ୬.୬% ପାଖାପାଖି ରହିଛି । କେବଳ ସେତିକି ନୁହେଁ, ଆଗାମୀ ତିନି ମାସ ମଧ୍ୟରେ ଏହା ୭.୬% ଏବଂ ଏକ ବର୍ଷ ମଧ୍ୟରେ ୮% କୁ ବୃଦ୍ଧି ପାଇବ ବୋଲି ଲୋକମାନେ ଆଶଙ୍କା କରୁଛନ୍ତି। ସରକାରୀ ତଥ୍ୟ ଏବଂ ଜନସାଧାରଣଙ୍କ ବାସ୍ତବ ଅନୁଭୂତି ମଧ୍ୟରେ ଥିବା ଏହି ବିରାଟ ବ୍ୟବଧାନ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି ।

ଏହି ସମସ୍ୟାର ମୂଳ କାରଣ ହେଉଛି ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (CPI) ଗଣନା ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀର ତାଲିକା ବା 'ବାସ୍କେଟ୍' (Basket)। ଯେତେବେଳେ ଗୋଟିଏ ଭିତ୍ତି ବର୍ଷ ବହୁତ ପୁରୁଣା ହୋଇଯାଏ, ସେତେବେଳେ ସେହି ସମୟର ଉପଭୋକ୍ତା ଅଭ୍ୟାସ ଆଜିର ସମୟ ସହିତ ମେଳ ଖାଏ ନାହିଁ । ୨୦୧୨ ମସିହାରେ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଡାଟା, ଅନଲାଇନ୍ ଖାଦ୍ୟ ବିତରଣ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ସେବାଗୁଡ଼ିକର ବ୍ୟବହାର ଯେତିକି ଥିଲା, ଆଜି ତାହା ବହୁଗୁଣିତ ହୋଇଛି । କିନ୍ତୁ ପୁରୁଣା ସୂଚକାଙ୍କରେ ଏହି ନୂତନ ସେବାଗୁଡ଼ିକୁ ଯଥୋଚିତ ଗୁରୁତ୍ୱ ମିଳିନାହିଁ । ଅନ୍ୟପକ୍ଷରେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯୋଗୁଁ, ବିଶେଷକରି ମାଗଣା ଖାଦ୍ୟଶସ୍ୟ ବଣ୍ଟନ କାରଣରୁ, ପରିବାରଗୁଡ଼ିକର ଖାଦ୍ୟ ବାବଦ ଖର୍ଚ୍ଚ ଆପେକ୍ଷିକ ଭାବରେ କମିଛି । ଏହି ପରିବର୍ତ୍ତନକୁ ପୁରୁଣା ତଥ୍ୟରେ ସାମିଲ କରାଯାଇ ନାହିଁ, ଯାହା ଫଳରେ ମୁଦ୍ରାସ୍ଫୀତିର ଏକ ଭ୍ରମାତ୍ମକ ଚିତ୍ର ସାମ୍ନାକୁ ଆସୁଛି। ଯଦି ପ୍ରକୃତରେ ମୁଦ୍ରାସ୍ଫୀତି ଏତେ କମ୍ ଥାଆନ୍ତା, ତେବେ ଘରୋଇ ଉପଭୋକ୍ତା ବ୍ୟୟ (Private Consumption) ବୃଦ୍ଧି ପାଇବା କଥା। କିନ୍ତୁ ସରକାରଙ୍କ ନିଜସ୍ୱ ଆକଳନ ଅନୁଯାୟୀ, ଚଳିତ ବର୍ଷ ଘରୋଇ ଉପଭୋକ୍ତା ବ୍ୟୟ ଅଭିବୃଦ୍ଧି ଗତ ବର୍ଷ ତୁଳନାରେ ମନ୍ଥର ରହିବ ବୋଲି ଅନୁମାନ କରାଯାଉଛି । ଏହା ସ୍ପଷ୍ଟ କରୁଛି ଯେ ଲୋକମାନଙ୍କର କ୍ରୟଶକ୍ତି ଉପରେ ଦରଦାମ୍ ବୃଦ୍ଧିର ପ୍ରଭାବ ରହିଛି, ଯାହା ସରକାରୀ ପରିସଂଖ୍ୟାନରେ ସଠିକ୍ ଭାବରେ ପ୍ରତିଫଳିତ ହେଉନାହିଁ।

ଏହି ପରିପ୍ରେକ୍ଷୀରେ, ନିକଟରେ 'ପାରିବାରିକ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ' (Household Consumption Expenditure Survey - HCES) ୨୦୨୨-୨୩ର ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ କ୍ଷେତ୍ରରେ ପରିବାରମାନଙ୍କର ମୋଟ ମାସିକ ଖର୍ଚ୍ଚରେ ଖାଦ୍ୟ ସାମଗ୍ରୀର ଅଂଶ ହ୍ରାସ ପାଇଛି। ୨୦୧୧-୧୨ ମସିହାରେ ଗ୍ରାମାଞ୍ଚଳରେ ଲୋକମାନେ ନିଜ ଖର୍ଚ୍ଚର ପ୍ରାୟ ୫୩% ଖାଦ୍ୟରେ ବ୍ୟୟ କରୁଥିବାବେଳେ, ୨୦୨୨-୨୩ରେ ଏହା ୪୬.୪%କୁ ଖସି ଆସିଛି । ସେହିପରି ସହରାଞ୍ଚଳରେ ଏହା ୪୨.୬% ରୁ ୩୯.୨% କୁ ହ୍ରାସ ପାଇଛି । ଏହାର ଅର୍ଥ ହେଉଛି, ଲୋକମାନେ ବର୍ତ୍ତମାନ ଖାଦ୍ୟ ବ୍ୟତୀତ ଅନ୍ୟାନ୍ୟ ଜିନିଷ ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଏବଂ ମନୋରଞ୍ଜନ ଉପରେ ଅଧିକ ଖର୍ଚ୍ଚ କରୁଛନ୍ତି । ତେଣୁ, ନୂତନ CPI ସିରିଜରେ ଖାଦ୍ୟ ସାମଗ୍ରୀର ଭାରାଙ୍କ (Weightage) କମିବା ସ୍ୱାଭାବିକ। ଏହା ଦ୍ୱାରା ଋତୁକାଳୀନ ପନିପରିବା ଦର ବୃଦ୍ଧି କିମ୍ବା ଖାଦ୍ୟଶସ୍ୟର ମୂଲ୍ୟରେ ଅସ୍ଥିରତା ସମଗ୍ର ମୁଦ୍ରାସ୍ଫୀତି ସୂଚକାଙ୍କକୁ ଆଗ ଭଳି ଅଧିକ ପ୍ରଭାବିତ କରିବ ନାହିଁ । ଏହା ଏକ ଅଧିକ ସ୍ଥିର ଏବଂ ବାସ୍ତବବାଦୀ ମୁଦ୍ରାସ୍ଫୀତି ଚିତ୍ର ପ୍ରଦାନ କରିବାରେ ସାହାଯ୍ୟ କରିବ।

ଆଗାମୀ ଫେବୃଆରୀ ୧୨ ତାରିଖରେ ସରକାର ଜାନୁଆରୀ ମାସର ମୁଦ୍ରାସ୍ଫୀତି ତଥ୍ୟ ନୂତନ ସିରିଜ୍ (୨୦୨୪ ଭିତ୍ତି ବର୍ଷ) ଆଧାରରେ ପ୍ରକାଶ କରିବାକୁ ଯାଉଛନ୍ତି। ଏହି ନୂତନ ସିରିଜରେ କେବଳ ଭିତ୍ତି ବର୍ଷ ବଦଳିବ ନାହିଁ, ବରଂ ଏଥିରେ ଆଧୁନିକ ଜୀବନଶୈଳୀ ସହିତ ଜଡ଼ିତ ନୂତନ ସାମଗ୍ରୀ ଏବଂ ସେବାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ବିଶେଷକରି ଇ-କମର୍ସ ବା ଅନଲାଇନ୍ କିଣାବିକାର ତଥ୍ୟକୁ ସାମିଲ କରାଯିବା ଦ୍ୱାରା ମୂଲ୍ୟ ସୂଚକାଙ୍କ ଅଧିକ ସଠିକ୍ ହେବ। ଏହା ନୀତି ନିର୍ଦ୍ଧାରକ, ବିଶେଷକରି ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ପାଇଁ ଅତ୍ୟନ୍ତ ଲାଭଦାୟକ ହେବ । ଆରବିଆଇ ର ମୁଦ୍ରାନୀତି କମିଟି (MPC) ସୁଧ ହାର (Repo Rate) ନିର୍ଦ୍ଧାରଣ କରିବା ସମୟରେ ମୁଖ୍ୟତଃ ଉକ୍ତ ମୁଦ୍ରାସ୍ଫୀତିକୁ ଆଧାର କରିଥାଏ । ଯଦି ପୁରୁଣା ତଥ୍ୟ ଆଧାରରେ ମୁଦ୍ରାସ୍ଫୀତି ଭୁଲ୍ ଭାବରେ ଗଣନା କରାଯାଏ, ତେବେ ସୁଧ ହାର ନିଷ୍ପତ୍ତି ମଧ୍ୟ ତ୍ରୁଟିପୂର୍ଣ୍ଣ ହୋଇପାରେ । ଯଦି ପ୍ରକୃତ ମୁଦ୍ରାସ୍ଫୀତି କମ୍ ଥାଏ କିନ୍ତୁ ପୁରୁଣା ସୂଚକାଙ୍କ ଯୋଗୁଁ ଏହା ଅଧିକ ଦେଖାଯାଏ, ତେବେ RBI ଅଯଥାରେ ସୁଧ ହାର ଅଧିକ ରଖିପାରେ, ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ବାଧାପ୍ରାପ୍ତ କରିବ । ଅନ୍ୟପକ୍ଷରେ, ଯଦି ମୁଦ୍ରାସ୍ଫୀତି ବାସ୍ତବରେ ଅଧିକ ଥାଏ କିନ୍ତୁ ତଥ୍ୟରେ କମ୍ ଦେଖାଯାଏ, ତେବେ ସମୟ ପୂର୍ବରୁ ସୁଧ ହାର କମାଇବା ଦ୍ୱାରା ଭବିଷ୍ୟତରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। ତେଣୁ, ଏକ ସଠିକ୍ ଏବଂ ଆଧୁନିକ ତଥ୍ୟ ଭିତ୍ତିକ ସୂଚକାଙ୍କ ମୁଦ୍ରାନୀତିକୁ ଅଧିକ ପ୍ରଭାବଶାଳୀ କରିବ ।

ତେବେ, ଏହି ପରିବର୍ତ୍ତନ ସହିତ କିଛି ଆହ୍ୱାନ ମଧ୍ୟ ରହିଛି । ନୂତନ ସିରିଜ୍ ଲାଗୁ ହେବା ପରେ ମୁଦ୍ରାସ୍ଫୀତିର ସଂଖ୍ୟାରେ ହଠାତ୍ ପରିବର୍ତ୍ତନ ଦେଖାଯାଇପାରେ, ଯାହାକୁ ନେଇ ସାଧାରଣ ଲୋକ ଏବଂ ବଜାର ବିଶେଷଜ୍ଞଙ୍କ ମଧ୍ୟରେ କିଛି ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ । କିନ୍ତୁ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଦେଖିଲେ, ଏହା ଅର୍ଥନୀତିର ସ୍ୱଚ୍ଛତା ପାଇଁ ଏକାନ୍ତ ଆବଶ୍ୟକ । ସରକାରଙ୍କୁ ଏହା ନିଶ୍ଚିତ କରିବାକୁ ହେବ ଯେ ଭବିଷ୍ୟତରେ ଯେପରି ଏଭଳି ଦୀର୍ଘ ବ୍ୟବଧାନ (୨୦୧୨ ରୁ ୨୦୨୪) ନ ରୁହେ। ଅର୍ଥନୀତିର ଦ୍ରୁତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ପ୍ରତି ୫ ବର୍ଷରେ ଥରେ ଭିତ୍ତି ବର୍ଷ ସଂଶୋଧନ କରାଯିବା ଉଚିତ୍ । ଏହା ଦ୍ୱାରା ତଥ୍ୟ ଏବଂ ବାସ୍ତବତା ମଧ୍ୟରେ ଥିବା ଦୂରତା କମିବ। ଏହା ବ୍ୟତୀତ, ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଟେକ୍ନୋଲୋଜିର ବ୍ୟବହାର ବଢାଇବା ଏବଂ ଗ୍ରାମାଞ୍ଚଳରୁ ସଠିକ୍ ତଥ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ପରିଶେଷରେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କର ଭିତ୍ତି ବର୍ଷକୁ ୨୦୧୨ରୁ ୨୦୨୪କୁ ପରିବର୍ତ୍ତନ କରିବା କେବଳ ଏକ ପରିସଂଖ୍ୟାନଗତ ବ୍ୟାୟାମ ନୁହେଁ, ବରଂ ଏହା ଭାରତର ବିକାଶଶୀଳ ଅର୍ଥନୀତିର ଏକ ପ୍ରତିଫଳନ ଅଟେ । ଯେତେବେଳେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଲକ୍ଷ୍ୟ ରଖିଛି, ସେତେବେଳେ ଏହାର ଆର୍ଥିକ ମାପଦଣ୍ଡଗୁଡ଼ିକ ମଧ୍ୟ ବିଶ୍ୱସ୍ତରୀୟ ଏବଂ ତ୍ରୁଟିଶୂନ୍ୟ ହେବା ଆବଶ୍ୟକ । ସଠିକ୍ ତଥ୍ୟ ହିଁ ସଠିକ୍ ନୀତି ପ୍ରଣୟନର ମୂଳଦୁଆ । ନୂତନ ଉକ୍ତ ସିରିଜ୍ ମାଧ୍ୟମରେ ଆମେ ଆଶା କରିପାରିବା ଯେ ଆଗାମୀ ଦିନରେ ମୁଦ୍ରାସ୍ଫୀତିର ଏକ ସ୍ୱଚ୍ଛ ଚିତ୍ର ମିଳିବ, ଯାହା ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ଜନସାଧାରଣଙ୍କ ହିତରେ ଉପଯୁକ୍ତ ଆର୍ଥିକ ନିଷ୍ପତ୍ତି ନେବାରେ ସହାୟକ ହେବ । ପୁରୁଣାକୁ ପଛରେ ପକାଇ ନୂତନ ବାସ୍ତବତାକୁ ଆପଣାଇବା ହିଁ ପ୍ରଗତିର ଲକ୍ଷଣ, ଏବଂ ଭାରତର ପରିସଂଖ୍ୟାନ ବ୍ୟବସ୍ଥାରେ ଏହି 'ଆଗକୁ ବଢିବା' ପ୍ରକ୍ରିୟା ନିଶ୍ଚିତ ଭାବରେ ପ୍ରଶଂସନୀୟ।



# ଯୁବଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦ

## ଡକ୍ଟର ଲକ୍ଷ୍ମଣ ସାହୁ

ଆଧୁନିକ ଭାରତର ଆଧ୍ୟାତ୍ମିକ ଜାଗରଣର ଜନକ ସ୍ୱାମୀ ବିବେକାନନ୍ଦ। ସେ ଯୁବ ଶକ୍ତିର ଚିରନ୍ତନ ପ୍ରତୀକ। ୧୮୬୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ୧୨ ତାରିଖ, ପୌଷ ସଂକ୍ରାନ୍ତି ଦିନ ପ୍ରତ୍ୟୁଷରେ କଲିକତାର ସିମଳାପଲ୍ଲୀରେ ବିଶ୍ୱନାଥ ଦତ୍ତଙ୍କ ଔରସରୁ ଓ ଭୁବନେଶ୍ୱରୀ ଦେବୀଙ୍କ ଗର୍ଭରୁ ପ୍ରଥମ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲା । ତାଙ୍କର ମୂଳ ନାମ ନରେନ୍ଦ୍ରନାଥ ଦତ୍ତ । କୁହାଯାଏ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କର ଶିଷ୍ୟ ହେବା ପରେ ସେ ସ୍ୱାମୀ ବିବେକାନନ୍ଦ ନାମ ଗ୍ରହଣ କଲେ । ଯୁଗ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସବୁଠାରୁ ବଡ଼ ଉପଲବ୍ଧି ହେଲା ସେ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ବିଶ୍ୱର ଏକ ପ୍ରମୁଖ ଧର୍ମ ଭାବେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ । ବେଦାନ୍ତ ଓ ଯୋଗ ଦର୍ଶନ ତାଙ୍କ ଲାଗି ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହୋଇଥିଲା । ୧୮୯୩ରେ ଆୟୋଜିତ ଚିକାଗୋ ବିଶ୍ୱ ଧର୍ମ ମହାସଭାରେ ପ୍ରଥମେ 'ଆମେରିକାର ଭାଇ ଓ ଭଉଣୀମାନେ' ସମ୍ବୋଧନ କରି ପ୍ରଦାନ କରିଥିବା ସ୍ୱଳ୍ପ ଅବଧିର ବକ୍ତବ୍ୟ ମାଧ୍ୟମରେ ଯୁବ ବିବେକାନନ୍ଦ ବିଶ୍ୱବାସୀଙ୍କୁ ଚମତ୍କୃତ କରିଦେଇଥିଲେ। ସେଠାରେ ସେ ହିନ୍ଦୁ ଧର୍ମ ଉପରେ ମର୍ମସ୍ପର୍ଶୀ ଭାଷଣ ଦେଇ ଇତିହାସ ରଚନା କରିଥିଲେ । ବିଶେଷ କରି ସେ ଜଣେ ବେଦାନ୍ତର ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମ ଗୁରୁ ଥିଲେ । ସନାତନ (ହିନ୍ଦୁ) ଧର୍ମକୁ ବିଶ୍ୱଦରବାରରେ ପରିଚିତ କରିବାରେ ତାଙ୍କର ଅବଦାନ ଅତୁଳନୀୟ ।

କହିବାକୁ ଗଲେ ଭାରତରେ ସମସାମୟିକ ହିନ୍ଦୁ ସଂସ୍କାର ଅଭିଯାନ ତାଙ୍କରି ଦ୍ୱାରା ହିଁ ଗତିଶୀଳ ହୋଇଥିଲା। ସେ ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିସନ ଭଳି ସଂଗଠନର ସ୍ଥାପନାକାରୀ ଥିଲେ । ଆଜୀବନ ବ୍ରହ୍ମଚର୍ଯ୍ୟ ପାଳନ କରିଥିଲେ। ତାଙ୍କର ମା' ଭୁବନେଶ୍ୱରୀ ଦେବୀ ଥିଲେ ସୁରୂପା, ତେଜସ୍ୱିନୀ, ଧର୍ମପ୍ରାଣା, ଆଦର୍ଶ ହିନ୍ଦୁ ରମଣୀ । କାଶୀର ବୀରେଶ୍ୱର ଶିବଙ୍କର ପ୍ରସନ୍ନତାରୁ ସେ ବିବେକାନନ୍ଦଙ୍କୁ ପୁତ୍ର ଭାବେ ପାଇଥିଲେ। ବାଲ୍ୟାବସ୍ଥାରୁ ମା' ଙ୍କଠାରୁ ରାମାୟଣ ଓ ମହାଭାରତ ଗଳ୍ପ ଶୁଣି ଶୁଣି ସେ ରାମସୀତାଙ୍କର ମୂର୍ତ୍ତିକୁ ପୁଷ୍ପମାଲ୍ୟରେ ସଜ୍ଜିତ କରିବାକୁ ଖୁବ୍ ଭଲ ପାଉଥିଲେ। ତାଙ୍କ ମନରେ ଧର୍ମଭାବ ପରିଲକ୍ଷିତ ହୋଇଥିଲା । ତାଙ୍କର ଏକ ମାତ୍ର ଆକାଂକ୍ଷା ଥିଲା ଭଗବତ୍ ଦର୍ଶନ । ତେଣୁ ପଢ଼ିବା ସମୟରୁ ନିୟମିତ ଉପାସନାରେ ଯୋଗ ଦେଉଥିଲେ । ଭଗବାନଙ୍କୁ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ । ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ । ଯାହା ଫଳରେ ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା। କିନ୍ତୁ ଭାରତର ଜନସାଧାରଣଙ୍କର ଦାରିଦ୍ର୍ୟ ଓ ଅଶିକ୍ଷା ତାଙ୍କୁ ଅତି ମାତ୍ରାରେ ବ୍ୟଥିତ କରିଥିଲା। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇଥିଲେ ଓ ତା ପରେ ପାଶ୍ଚାତ୍ୟ ଭ୍ରମଣ କରି ସଂପୂର୍ଣ୍ଣ ବିଶ୍ୱରେ ହିନ୍ଦୁ ଧର୍ମ ଓ ବେଦାନ୍ତର ପ୍ରଚାର ଓ ପ୍ରସାର କରିବାରେ ମନ ବଳାଇଥିଲେ। ତାଙ୍କର ଗୁରୁ ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ନରେନ୍ ଧ୍ୟାନସିଦ୍ଧ ମହାପୁରୁଷ।'

ଶ୍ରୀରାମକୃଷ୍ଣଙ୍କର ଶିକ୍ଷା ଫଳରେ ସେ ବୁଝିଗଲେ ପ୍ରତ୍ୟେକ ଧର୍ମ ହିଁ ସତ୍ୟ । ଶିବଜ୍ଞାନରେ ଜୀବସେବା ଭଗବାନଙ୍କର ଶ୍ରେଷ୍ଠ ପୂଜା । ତେଣୁ ସେ ପରବର୍ତ୍ତୀ କାଳରେ ଘୋଷଣା କରିଥିଲେ, 'ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କାହିଁ ଖୋଜୁଛ ଈଶ୍ୱର ! ଜୀବେ ପ୍ରେମ କରେ ଯେଉଁ ଜନ, ସେହି ଜନ ସେବଇ ଈଶ୍ୱର।' ଲୋକ ପ୍ରବାଦ ଅଛି, ''ଜ୍ଞାନ ହିଁ ଶକ୍ତି'' (Knowledge is power) । ଏହି ଜ୍ଞାନ ମଧ୍ୟ ଦେଇ ହିଁ ଶକ୍ତି ଆସେ । ମଣିଷକୁ ଜାଣିବାକୁ ହେବ ଯେ ସେ ଅନନ୍ତ ଶକ୍ତି ଓ ସାମର୍ଥ୍ୟ-ସମ୍ପନ୍ନ। ସତ କହିବାକୁ ଗଲେ -ସେ ହିଁ 'ସ୍ୱଭାବତଃ ସର୍ବଶକ୍ତିମାନ ଓ ସର୍ବଜ୍ଞ' । ଏ ସମ୍ପର୍କରେ ବିବେକାନନ୍ଦ ଧାର୍ମିକ ମତ ଦେଇଛନ୍ତି । ତାଙ୍କର ମତ ହେଉଛି ବ୍ୟକ୍ତି ନିଜ ଆତ୍ମା ବିଷୟରେ ଯେତେ ସଜାଗ ହେବ, ନିଜ ଶକ୍ତିକୁ ସେତେ ପ୍ରକାଶ କରିପାରିବ, ନିଜର ବନ୍ଧନ ଛିନ୍ନ କରିପାରିବ ଓ ସର୍ବଶେଷରେ ମୁକ୍ତ ହୋଇଯିବ । କାରଣ ମାନବ-ପ୍ରକୃତି ମଧ୍ୟରେ ଯାହା କିଛି ଶକ୍ତିଶାଳୀ, ମଙ୍ଗଳମୟ ଓ ଐଶ୍ୱର୍ଯ୍ୟମଣ୍ଡିତ, ସେ ସମସ୍ତ ଏହି ବ୍ରହ୍ମସତ୍ତାରୁ ହିଁ ଉଦ୍ଭୁତ । ତାହା ଅନେକଙ୍କ ମଧ୍ୟରେ ସୁପ୍ତଭାବରେ ରହିଥିଲେ ସୁଦ୍ଧା ବସ୍ତୁତଃ ମନୁଷ୍ୟ ମନୁଷ୍ୟ ଭିତରେ କୌଣସି ପ୍ରଭେଦ ନାହିଁ । କାରଣ ସମସ୍ତେ ବ୍ରହ୍ମ ସହିତ ଅଭିନ୍ନ ବୋଲି ସେ ମତବ୍ୟକ୍ତ କରିଛନ୍ତି । ନିଜ ଭିତରେ ମଣିଷର ଅନନ୍ତ ଶକ୍ତି ଭରି ରହିଛି । ସେ ଏହାକୁ ଉପଲବ୍ଧି କରିପାରେ । ଏହା ନିଶ୍ଚିତ ଭାବରେ ସମ୍ଭବ । କିନ୍ତୁ ସେ ଏହା ବିଶ୍ୱାସ କରେ ନାହିଁ ବୋଲି ସ୍ୱାମୀ ବିବେକାନନ୍ଦ କହିଛନ୍ତି। ଅପରପକ୍ଷରେ ବୁଝାଇଦେଇ କହିଛନ୍ତି ମଣିଷ ତାହାର ନିଜ ଅନନ୍ତ, ଶାଶ୍ୱତ, ଅମୃତ ଆତ୍ମାର ଗୌରବରେ ସଦାସର୍ବଦା ବିମଣ୍ଡିତ । ସେହି ଆତ୍ମାକୁ କେବେ କୌଣସି ଅସ୍ତ୍ର ଭେଦ କରିପାରେ ନାହିଁ । ବାୟୁ କେବେ ଶୁଷ୍କ କରିପାରେ ନାହିଁ, ଅଗ୍ନି ଦଗ୍ଧ କରିପାରେ ନାହିଁ, ଜଳ ଆର୍ଦ୍ର କରିପାରେ ନାହିଁ । ସେହି ଅନନ୍ତ, ଅଜାତ, ଅମୃତ, ଅନାଦି ଓ ଅଶେଷ ଆତ୍ମାର ମହିମା ନିକଟରେ ଆକାଶ ନିଶ୍ଚିହ୍ନ ହୋଇଯାଏ, ସମୟ ଶୂନ୍ୟରେ ମିଳାଇଯାଏ । ଆମମାନଙ୍କୁ ଏହି ମହିମାମୟ ଆତ୍ମାରେ ବିଶ୍ୱାସୀ ହେବାକୁ ପଡ଼ିବ । ସେହି ବିଶ୍ୱାସରୁ ହିଁ ଅନନ୍ତ ଶକ୍ତି ଆସିବ । ସେ ଦୃଢ଼ତା ସହ ଦର୍ଶାଇଛନ୍ତି - ବେଦାନ୍ତ ମଣିଷକୁ ପ୍ରଥମେ ତାର ନିଜ ଉପରେ ବିଶ୍ୱାସ କରିବାକୁ ଶିକ୍ଷା ଦିଏ । ନିଜର ଆତ୍ମ-ମାହାତ୍ମ୍ୟରେ ବିଶ୍ୱାସ ସ୍ଥାପନ ନ କରିବା ବେଦାନ୍ତ ମତରେ ନାସ୍ତିକତା । ଅନେକଙ୍କ ପକ୍ଷରେ ଏହି ଧାରଣା ଅତି ସାଂଘାତିକ । ସେଥିରେ କୌଣସି ସନ୍ଦେହ ନାହିଁ । ଅନେକେ ବିବେଚନା କରନ୍ତି ଯେ ଆମେ କେବେହେଲେ ଏହି ଆଦର୍ଶରେ ପ୍ରତିଷ୍ଠିତ ହୋଇପାରିବୁ ନାହିଁ । କିନ୍ତୁ ବେଦାନ୍ତ ଦୃଢ଼ ଭାବରେ କହେ ଯେ ପ୍ରତ୍ୟେକେ ଏହି ସତ୍ୟକୁ ଜୀବନରେ ପ୍ରତ୍ୟକ୍ଷ କରିପାରିବେ। ତେଣୁ ଯେଉଁମାନେ ବେଦାନ୍ତ ସହିତ ଜଡିତ ରହି ଆସିଛନ୍ତି, ସେମାନେ ନିଜ ଆତ୍ମ-ମାହାତ୍ମ୍ୟରେ ବିଶ୍ୱାସ ରଖିଛନ୍ତି ଯାହା ସେମାନଙ୍କ ପାଇଁ ଉତ୍ତମ ଫଳପ୍ରସୂ ହୁଏ ବୋଲି ସ୍ୱାମୀ ବିବେକାନନ୍ଦ କହିଛନ୍ତି।

ପ୍ରକୃତରେ ବିଶ୍ୱର ଇତିହାସକୁ ଯେ କେହି ଯଦି ପର୍ଯ୍ୟାଲୋଚନା କରେ, ଯେଉଁଠି କୌଣସି ସୁମହାନ୍ ଆଦର୍ଶର ସନ୍ଧାନ ମିଳିବ, ସେଠି ସେ କେବଳ ଦେଖିବାକୁ ପାଇବ ତା'ର ଜନ୍ମ ଭାରତବର୍ଷରେ । ସ୍ମରଣାତୀତ କେଉଁ ଅନାଦି କାଳରୁ ଭାରତ ମାନବସମାଜ ନିକଟରେ ଅମୂଲ୍ୟ ଭାବସମୂହର ଖଣିସ୍ୱରୂପ ହୋଇ ରହିଛି । କହିବାକୁ ଗଲେ ଭାରତରୁ ହିଁ ଦାର୍ଶନିକ ଓ ଆଧ୍ୟାତ୍ମିକ ଭାବତରଙ୍ଗ ଉଚ୍ଛ୍ୱସିତ ହୋଇ ବାରମ୍ବାର ଜଗତକୁ ପ୍ଳାବିତ କରିଆସିଛି । ତେଣୁ ପୁନରାୟ ଭାରତବର୍ଷରୁ ହିଁ ଏପରି ଏକ ମହାପ୍ଳାବନ ନିର୍ଗତ ହୋଇ ମୁମୂର୍ଷୁ ଜାତିଗୁଡ଼ିକର ଅନ୍ତରରେ ନୂତନ ଜୀବନ ଓ ବଳବୀର୍ଯ୍ୟର ଅପୂର୍ବ ଶକ୍ତି ସଞ୍ଚାର କରିବ ବୋଲି ଯୁବଗୋଷ୍ଠୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଅପରିହାର୍ଯ୍ୟ ମନେହୁଏ । ବାସ୍ତବିକ ଦେଖିବାକୁ ଗଲେ ଆମର ମାତୃଭୂମି ନିକଟରେ ଜଗତର ଋଣ ଅପରିସୀମ । ପ୍ରଭାତର କୋମଳ ଶିଶିରକଣା ଯେପରି ଲୋକଚକ୍ଷୁର ଅନ୍ତରାଳରେ ମନୋରମ ଗୋଲାପର କଢ଼ଗୁଡ଼ିକୁ ଫୁଟାଇ ତୋଳେ, ବିଶ୍ୱର ଚିନ୍ତାଧାରାରେ ଭାରତର ଅବଦାନ ମଧ୍ୟ ଠିକ୍ ସେହିପରି ମୂଲ୍ୟାଙ୍କନ କରେ । ଅବ୍ୟର୍ଥ ଫଳପ୍ରସୂ ଭାରତୀୟ ଭାବପୁଞ୍ଜର ନୀରବ ଅଲକ୍ଷ୍ୟ ପ୍ରଭାବରେ ବୈଦେଶିକ ଚିନ୍ତାଜଗତରେ କେତେଥର ବୈପ୍ଳବିକ ପରିବର୍ତ୍ତନ ଆସିଛି, କେହି କେବେ ସମୟର ଛାୟାଚିତ୍ରରେ ବି ତାହା ହୁଏତ କଳନା କରିପାରେ ନାହିଁ ।

ସେଥିପାଇଁ ଗର୍ବର ସହ କୁହାଯାଏ ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ, ଯାହାକୁ କେବଳ ପୁଣ୍ୟଭୂମି ଭାରତ ନାମରେ ବିଶେଷିତ କରାଯାଇପାରେ । ତେବେ ଯଦି ଏପରି କୌଣସି ସ୍ଥାନ ଥାଏ, ଯେଉଁଠାକୁ ପୃଥିବୀର ସକଳ ଜୀବଙ୍କୁ ତାଙ୍କର କର୍ମଫଳ ଭୋଗ ପାଇଁ ଆସିବାକୁ ପଡ଼ିବ, ଯଦି ଏପରି କୌଣସି ସ୍ଥାନ ଥାଏ, ଯେଉଁଠାକୁ ଭଗବତ୍‌ଲାଭ ଆକାଂକ୍ଷୀ ଜୀବମାତ୍ରକୁ ହିଁ ଆସିବାକୁ ପଡ଼ିବ, ଯଦି ଏପରି କୌଣସି ସ୍ଥାନ ଥାଏ, ଯେଉଁଠାରେ ମଣିଷ ଜାତି ମଧ୍ୟରେ ସର୍ବାପେକ୍ଷା ଅଧିକ କ୍ଷାନ୍ତି, ଧୃତି, ଦୟା, ଶୌଚ ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି, ଯଦି ଏପରି କୌଣସି ଦେଶ ଥାଏ, ଯେଉଁଠାରେ ଆଧ୍ୟାତ୍ମିକତା ଓ ଅନ୍ତର୍ଦୃଷ୍ଟିର ବିକାଶ ସର୍ବାପେକ୍ଷା ଅଧିକ ହୋଇଛି-ତେବେ ନିଶ୍ଚୟ କୁହାଯାଇପାରେ, ତାହା ହେଉଛି ଆମର ମାତୃଭୂମି ଏହି ଭାରତବର୍ଷ ।

ସ୍ୱାମୀ ବିବେକାନନ୍ଦଙ୍କ ଭିନ୍ନ ଦୃଷ୍ଟିଭଙ୍ଗୀରେ ମତବ୍ୟକ୍ତ କରି କହିଛନ୍ତି, 'ତୁମେମାନେ (ଉପନିଷଦ୍‌ରେ) ପଢ଼ିଛ, 'ମାତୃଦେବୋ ଭବ' ମୁଁ କହେ-'ଦରିଦ୍ର ଦେବୋ ଭବ', 'ମୂର୍ଖ ଦେବୋ ଭବ'। ଜଣେ ଲୋକର ମୁକ୍ତି ପାଇଁ ମୁଁ ହଜାରେଥର ନରକକୁ ଯିବାକୁ ପ୍ରସ୍ତୁତ ଅଛି। ବିବେକାନନ୍ଦଙ୍କ ଏଭଳି ମହନୀୟ ଅମୃତ ବାଣୀ କେବଳ ଯୁବଗୋଷ୍ଠୀଙ୍କୁ ସଚେତନ, ଉଦ୍‌ବୋଧନ ଦେବାକୁ ନୁହେଁ ଜାଗ୍ରତ ଓ ଆଗୁସାର କରିବା ପାଇଁ ଉଦ୍ଦିଷ୍ଟ ବୋଲି କହିଲେ କୌଣସି ପ୍ରକାର ଅତ୍ୟୁକ୍ତି ହେବନାହିଁ । ଏଠାରେ ଦରିଦ୍ର ନାରାୟଣ ସେବାରେ ହିଁ ମାଧବ ସେବା ବ୍ରତ ଧାରଣ କରିବାର ଭୀଷ୍ମ ପ୍ରତିଜ୍ଞା ନେବା ସୂଚେଇଦିଏ ।

ଜାତି ବିହୀନ ସମାଜ ଗଠନ ଉପରେ ସେଭଳି ତାଙ୍କର ବୈପ୍ଳବିକ ସ୍ୱର ଝଙ୍କାର ହେ ଭାରତବାସୀ ! ତୁମେ କେବେ ଭୁଲ ନାହିଁ ତୁମ ନାରୀଜାତିର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ । ଭୁଲ ନାହିଁ-ତୁମର ଉପାସ୍ୟ ଉମାନାଥ ସର୍ବତ୍ୟାଗୀ ଶଙ୍କର । ଭୁଲ ନାହିଁ-ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି ମେହନ୍ତର ତୁମର ରକ୍ତ, ତୁମର ଭାଇ । ହେ ବୀର, ସାହସ ଅବଲମ୍ବନ କର । ସଦର୍ପରେ କୁହ-ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ । ଏଭଳି ଦୃଢ଼ ଆଧ୍ୟାତ୍ମିକ ଶକ୍ତି କେବଳ ସ୍ୱାମୀ ବିବେକାନନ୍ଦ ବାଣୀ ସାଂପ୍ରତିକ ଯୁବସମାଜକୁ ଉଦବୁଦ୍ଧ କରିବ।

ଦେଖିବାକୁ ଗଲେ ସ୍ୱାମୀ ବିବେକାନନ୍ଦଙ୍କଦ୍ୱାରା ଭାରତର ଅନେକ ସ୍ୱାଧୀନତା ସଂଗ୍ରାମୀ ପ୍ରଭାବିତ ହୋଇଥିଲେ । ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ରାଜଗୋପାଳଚାରୀ, ବାଳ ଗଙ୍ଗାଧର ତିଳକ, ରବୀନ୍ଦ୍ରନାଥ ଠାକୁର ଆଦି ପ୍ରଭାବଶାଳୀ ବ୍ୟକ୍ତିମାନେ ସ୍ୱାମୀ ବିବେକାନନ୍ଦଙ୍କୁ ଆଦର୍ଶକୁ ମାନୁଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ - 'ଯଦି ସ୍ୱାମୀ ବିବେକାନନ୍ଦ ଆଜି ବଞ୍ଚିଥାନ୍ତେ, ତେବେ ମୁଁ ତାଙ୍କ ପାଦତଳେ ବସି ଶିକ୍ଷାଲାଭ କରିଥାନ୍ତି ।' ବାସ୍ତବରେ ସ୍ୱାମୀ ବିବେକାନନ୍ଦ ହିଁ ଭାରତୀୟ ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ସେଥିପାଇଁ ଭାରତ ସରକାର ସ୍ୱାମୀଜୀଙ୍କ ଜନ୍ମଦିନ ଜାନୁଆରୀ ୧୨ ତାରିଖକୁ 'ଜାତୀୟ ଯୁବ ଦିବସ' ଭାବରେ ପାଳନ କରି ଆସୁଛନ୍ତି । କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ସ୍ୱାମୀଜୀଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ନୋବେଲ ପୁରସ୍କାର ପ୍ରାପ୍ତ ରୋମାଁ ରୋଲା, ଦାର୍ଶନିକ ମାକ୍ସ ମୁଲ୍ଲାର, ବୈଜ୍ଞାନିକ ଟେସଲା ଆଦି ବ୍ୟକ୍ତିମାନେ ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱଦ୍ୱାରା ପ୍ରଭାବିତ ହୋଇଛନ୍ତି । ମାତ୍ର ୩୯ ବର୍ଷ ବୟସରେ ୧୯୦୨ ଜୁଲାଇ ୪ ତାରିଖରେ ତାଙ୍କର ପରଲୋକ ଘଟିଥିଲା । କିନ୍ତୁ ସ୍ୱଳ୍ପ ସମୟ କାଳ ଭିତରେ ତାଙ୍କର ସାମାଜିକ, ରାଜନୈତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ଭାରତୀୟମାନଙ୍କୁ ସ୍ୱାଧୀନତାଚେତା କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଛି, ତାହା ସମୟର ଛାୟାଚିତ୍ରରେ ଅଲିଭା, ଅବିସ୍ମରଣୀୟ । ସେ ଭାରତ ସମେତ ଆମେରିକା, ଇଂଲାଣ୍ଡ ଆଦି ଦେଶର ଲୋକଙ୍କୁ ବ୍ରିଟିସ୍ ଶାସନାଧୀନ ଭାରତୀୟଙ୍କର ଦୁର୍ଦ୍ଦଶା ସମ୍ପର୍କରେ ଅବଗତ କରିଯାଇଥିଲେ । ମହାତ୍ମା ଗାନ୍ଧୀ, ଅରବିନ୍ଦ ଘୋଷ, ବାଘା ଯତୀନ, ହେମଚନ୍ଦ୍ର ଘୋଷ ପ୍ରମୁଖ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ତେଣୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଦର୍ଶନକୁ ସ୍ମରଣ କରିବା ଲାଗି ୧୯୮୫ ମସିହାରୁ ପ୍ରତି ବର୍ଷ ତାଙ୍କ ଜନ୍ମଦିନକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇ ଆସୁଛି । ତାଙ୍କର ଜନ୍ମ ବାର୍ଷିକୀରେ ଭାରତବାସୀ କୋଟି ପ୍ରଣାମ ଜଣାଉଛି...!!!


+ଅଧ୍ୟକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦ ୧୫୧୪୨୫




# ସ୍ଥଳସେନା ଦିବସ ଓ ତାହାର ଇତିହାସ

## ଡଃ ଅମୂଲ୍ୟ କୁମାର ପଣ୍ଡା

ପ୍ରତିବର୍ଷ ଜାନୁୟାରୀ ୧୫ ତାରିଖକୁ ସ୍ଥଳସେନା ରୂପେ ଦିବସ ପାଳନ କରାଯାଇଥାଏ । ଦେଶର ସୀମାରେ ମୁତୟନ ବୀର ଯବାନଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମ, ସେବା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବାର ଦିନଟିଏ। ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା । ବା ପଦାତିକ ବାହିନୀ। ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ। ୧୯୪୯ରେ ଭାରତୀୟ ସ୍ଥଳସେନାକୁ ମିଳିଥିଲା ପ୍ରଥମ ସେନା ଅଧ୍ୟକ୍ଷ । ଫିଲ୍ଡ ମାର୍ଶାଲ କରିୟପ୍ପା ହୋଇଥିଲେ ଭାରତୀୟ ସ୍ଥଳସେନାର ପ୍ରଥମ ଅଧ୍ୟକ୍ଷ। ତାଙ୍କରି ସମ୍ମାନରେ ଜାନୁୟାରୀ ୧୫କୁ ଆର୍ମି ଡେ' ବା ସ୍ଥଳସେନା ଦିବସ ଭାବେ ଦେଶ ପାଳନ କରି ଆସୁଛି । ଭାରତୀୟ ସେନା ସୈନିକମାନେ ସିଆଚେନ୍‌ର ପରି ପ୍ରବଳ ଥଣ୍ଡାରେ ଜାତୀୟ ସୀମାରେ ଶାନ୍ତି ରକ୍ଷା କରନ୍ତି। ଯେଉଁଠାରେ ତାପମାତ୍ରା -୬୦ ଡିଗ୍ରୀକୁ ଖସିଯାଏ । ଏହା କେବଳ ଶତ୍ରୁ ନୁହେଁ ବରଫ ଏବଂ ଥଣ୍ଡା ପବନ ମଧ୍ୟ ଏକ ବଡ଼ ବିପଦ । ଏହି ପ୍ରତିଛବି ଭାରତୀୟ ସେନାର ଅଦମ୍ୟ ଶକ୍ତି ଏବଂ ଆତ୍ମାକୁ ଦର୍ଶାଏ । ସମସ୍ତ ଅସୁବିଧା ସତ୍ତ୍ୱେ ଜାତିର ସେବା କରିବା ହିଁ ଭାରତୀୟ ସେନାକୁ ସୂଚିତ କରେ । ଭାରତୀୟ ସେନା ମଧ୍ୟ ବିବିଧତା ମଧ୍ୟରେ ଏକତାର ପ୍ରକୃଷ୍ଟ ଉଦାହରଣ ଯେଉଁଠାରେ ରାଜ୍ୟ, ସହର, ଧର୍ମ, ଲିଙ୍ଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଦେଶ ସେବା କରିବା ପାଇଁ ଶକ୍ତି, ଉତ୍ସାହ ଏବଂ ସାହସ ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜା ରାଜୁଡା କାଳରେ ମାନେ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ନିଜସ୍ୱ ସୈନ୍ୟ ଶକ୍ତି ରଖୁଥିଲେ । ହେଲେ ପ୍ରଥମ ଥର ୧୯୭୬ ରେ ଦେଶରେ ବ୍ରିଟିଶ ସରକାର ତଥା ଇଷ୍ଟ ଇଣ୍ଡିଆ କମ୍ପାନୀ କୋଲକାତା ଠାରେ ସେନା ଗଠନ କରିଥିଲା । ପରେ ଏହାକୁ ବ୍ରିଟିଶ ଭାରତୀୟ ସେନା ଭାବେ ମାନ୍ୟତା ମିଳିଥିଲା । ଏହା ପରବର୍ତ୍ତୀ ସମୟରେ ଭାରତୀୟ ସ୍ଥଳସେନା ଭାବେ ମାନ୍ୟତା ପାଇଥିଲା ।

ଆମ ଦେଶକୁ ସୁରକ୍ଷା ଦେବା ପାଇଁ ଆମ ସୈନିକଙ୍କ ପ୍ରତିବଦ୍ଧତା ଶକ୍ତି ଏବଂ ବଳିଦାନର ଏକ ଗର୍ବର ବିଷୟ । ପ୍ରତ୍ୟେକ ସୈନିକ ବୀରତ୍ୱ ଏବଂ ସେବାର ସର୍ବୋଚ୍ଚ ଆଦର୍ଶର ପ୍ରତୀକ, ଯିଏ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଦିଅନ୍ତି। ଭାରତୀୟ ସ୍ଥଳସେନା ହେଉଛି ଭାରତୀୟ ସଶସ୍ତ୍ର ସେନାର ସବୁଠାରୁ ବଡ଼ ଅଂଶ। ଦେଶକୁ ବାହ୍ୟ ଶତ୍ରୁଠାରୁ ସୁରକ୍ଷା ଦେବା ଏବଂ ଦେଶରେ ଏକତା ବଜାୟ ରଖିବା ଭାରତୀୟ ସ୍ଥଳସେନାର ପ୍ରଧାନ ଲକ୍ଷ୍ୟ। ବାହ୍ୟ ଆକ୍ରମଣରୁ ଦେଶକୁ ରକ୍ଷା କରିବା, ସୀମାନ୍ତରେ ଶାନ୍ତି ରକ୍ଷା କରିବା, ପ୍ରାକୃତିକ ଦୁର୍ବିପାକ ସମୟରେ ସାଧାରଣ ଜନତାଙ୍କର ଉଦ୍ଧାର, ସେବା ଓ ସୁରକ୍ଷା ମଧ୍ୟ ଏହାର କାର୍ଯ୍ୟ ଅଟେ। ଆନ୍ତର୍ଜାତୀୟ ସାମରିକ ଅଧ୍ୟୟନ ସଂସ୍ଥାନ (International Institute for Strategic Studies)(IISS) ଅନୁସାରେ ୨୦୧୦ରେ ସ୍ଥଳସେନାରେ ୧,୧୨୯,୯୦୦ ଜଣ ସକ୍ରିୟ ସେନା (active personnel) ଓ ୯୬୦,୦୦ ଜଣ ଆରକ୍ଷିତ ସେନା (reserve personnel) ରହିଛନ୍ତି। ଏବେ ଏହା ବଢି ଯଥେଷ୍ଟ ଅଧିକ ହୋଇଯାଇଛି। ଭାରତୀୟ ସ୍ଥଳସେନାକୁ ବିଶ୍ୱର ସର୍ବ ବୃହତ୍ ସ୍ୱେଚ୍ଛିକ ସେନାର ଗୌରବ ପ୍ରଦାନ କରିଛି।

ଏବେ ଆସନ୍ତୁ ଜାଣିବା କିଏ ଏହି ଫିଲ୍ଡ ମାର୍ଶଲ କେଏମ କରିୟପ୍ପା । ୧୯୪୭ ରେ ଦେଶ ସ୍ୱାଧୀନତା ହେବା ସତ୍ତ୍ୱେ ୧୯୪୯ ପର୍ଯ୍ୟନ୍ତ ଭାରତ ଉପରେ ବ୍ରିଟିଶ ସେନାର ପ୍ରଭୁତ୍ୱ ଥିଲା । ଅର୍ଥାତ ୧୯୪୯ ପର୍ଯ୍ୟନ୍ତ ଭାରତୀୟ ସେନାର ମୁଖ୍ୟଥିଲେ ବ୍ରିଟିଶ ସେନାଧକ୍ଷ । ସ୍ୱାଧୀନ ଭାରତର ଶେଷ ବ୍ରିଟିଶ ସେନାଧକ୍ଷ ଥିଲେ କମାଣ୍ଡର ଇନ ଚିଫ ଜେନେରାଲ ଫ୍ରାନ୍ସିସ ବୁଚର । ତାଙ୍କ ଠାରୁ ଲେଫ୍ଟନାଣ୍ଟ କେଏମ କରିୟପ୍ପା (KM Cariappa) ନେଇଥିଲେ ଭାରତୀୟ ସେନାର ଦାୟିତ୍ୱ । ପରେ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେ ନେଇଥିଲେ ଭାରତୀୟ ସେନାର ନେତୃତ୍ୱ । ତାଙ୍କର ଦକ୍ଷତା ଓ ବୀରତ୍ୱକୁ ସମ୍ମାନ ଜଣାଇ ସରକାର ଲେଫ୍ଟନାଣ୍ଟ କେଏମ କରିୟପ୍ପାଙ୍କୁ ଫିଲ୍ଡ ମାର୍ଶଲ ଭାବେ ପଦୋନ୍ନତି ଦେଇଥିଲେ । ଫିଲ୍ଡ ମାର୍ଶଲ କରିୟପ୍ପା ଭାରତୀୟ ସେନାର ପ୍ରଥମ ଅଧିକାରୀ ଭାବରେ ପାଞ୍ଚ ତାରକା ମାନ୍ୟତା ପାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ୧୯୪୭ର ପ୍ରଥମ ଇଣ୍ଡୋ-ପାକ ଯୁଦ୍ଧରେ ସେନାର ନେତୃତ୍ୱ ନେଇଥିଲେ। ୧୯୧୯ ମସିହାରେ ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ଭାରତୀୟଙ୍କ ଗୋଷ୍ଠୀରେ ସେନା ପାଇଁ ମନୋନୀତ ହୋଇଥିଲେ । ଫିଲ୍ଡ ମାର୍ଶଲ କେଏମ କରିୟାପ୍ପାଙ୍କୁ 'ଅର୍ଡର ଅଫ ଦି ଲେଜିଅନ ଅଫ ମେରିଟ' ପ୍ରଦାନ କରାଯାଇଥିଲା। ବ୍ରିଟିଶ ରାଷ୍ଟ୍ରପତି ହ୍ୟାରି ଟ୍ରୁମାନଙ୍କ ଦ୍ୱାରା ଭାରତୀୟ ଜେନେରାଲକୁ ଦିଆଯାଇଥିବା ପ୍ରଥମ ପୁରସ୍କାର ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ପାଇଥିଲେ। ୧୯୮୩ ରେ ତାଙ୍କୁ ଫିଲ୍ଡ ମାର୍ଶଲ (ପାଞ୍ଚ ତାରକା) ମାନ୍ୟତା ଦିଆଯାଇଥିଲା । ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡରେ ଭାରତୀୟ ହାଇ-କମିଶନର ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ସାହସିକତା ଦକ୍ଷତା ସବୁବେଳେ ଭାରତୀୟ ସେନାର ପ୍ରେରଣା ହୋଇ ରହିଛି । ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସ୍ୱାଧିନ ଭାରତର ପ୍ରଥମ ସ୍ଥଳସେନା ଅଧ୍ୟକ୍ଷ ଭାବେ ୧୫ ଜାନୁୟାରୀରେ ଦାୟିତ୍ୱ ନେଇଥିଲେ । ଯାହା ଭାରତୀୟ ସେନା ପାଇଁ ଏକ ଐତିହାସିକ ଦିନ । ଯେତେବେଳେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସେନା ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ ସେତେବେଳେ ଭାରତୀୟ ସେନାର ସୈନ୍ୟ ସଂଖ୍ୟା ୨ ଲକ୍ଷ ଥିଲା । ଯାହା ବର୍ତ୍ତମାନ ୧୪ ଲକ୍ଷରୁ ଅଧିକ । କେଏମ କରିୟପ୍ପା ଭାରତୀୟ ସେନାରୁ ବର୍ଷ ୧୯୫୩ ରେ ଅବସର ନେଇଥିଲେ । ୯୪ ବର୍ଷ ବୟସରେ ୧୯୯୩ରେ ତାଙ୍କର ନିଧନ ହୋଇଥିଲା । ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ହାଇ କମିଶନର ଭାବରେ କାର୍ଯ୍ୟ କରିଥିଲେ।

ସେ ନିଜର ସାହସିକତା ଏବଂ ଦକ୍ଷତା ପାଇଁ ଜଣାଶୁଣା ଥିଲେ ଆଗରୁ ସୌନ୍ୟମାନଙ୍କୁ ଆଗେଇ ନିଅ। ସେ ଥରେ କହିଥଲେ ଯେ ମୁଁ ଜଣେ ଭାରତୀୟ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜଣେ ଭାରତୀୟ ହୋଇ ରହିବି। ଜେନେରାଲ କେ ଏମ୍ କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ଅଦମ୍ୟ ସାହସ ଓ ଦମଦାର ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାକୁ ହରାଇଥିଲା।


+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬





# ସାଧୁବଚନ

## ଅର୍ଜୁନ ଘଡ଼େଇ



ମାଛ ଖାଇବାକୁ ଦେବ ହରଷରେ
ପେଟ ପୁରାଇ ବନ୍ଧୁଙ୍କୁ
ମାଛ ଦେଇ ଯେବେ ଗଡ଼ିଆ ଦେଖାଅ
ଶତ୍ରୁ ହେବେ ସେ ଆଗକୁ
କହିଛନ୍ତି ସାଧୁଜନେ
ଏକଥା ରଖିବ ମନେ।

ଏ ସମାଜେ ଲୋକ ଅନେକ ଅଛନ୍ତି
ଲୁଟିବାରେ ବହୁ ଶ୍ରଦ୍ଧା
ପାଇଯିବା ପରେ ସବୁ ଭୁଲିଯା'ନ୍ତି
ପିଠିରେ ମାରନ୍ତି ବିଧା
ହୁସିଆର ସେହି ଜନେ
କହିଛନ୍ତି ସାଧୁମାନେ।

ସ୍ୱାର୍ଥପାଇଁ ସିଏ ଶରଣ ପଶିବେ
କଥା କହି ତେଲ ମାରି
କଅଁଳ ବଚନେ ସ୍ୱାର୍ଥ ସିଦ୍ଧି କରି
ଦେବେ ପାନେ ପେଟ ଭରି।
ଏକଥାକୁ ହେଜ ମନେ,
କହିଛନ୍ତି ସାଧୁ ଜନେ।

ସାହାଯ୍ୟ କାହାକୁ କରିବାକୁ ଥିଲେ
ପକେଟରୁ ଅର୍ଥ ଦିଅ
ପାଇବାର ଆଶା ମନରେ ନରଖି
ପର୍ଶ ଲୁଚେଇ ଦିଅ।

ଆଖିବୁଜି ନେବେ ଲୁଟି
ଛୁରୀରେ କାଟିବେ ତଣ୍ଟି।
ଗଙ୍ଗା ବହିଯାଏ ସବୁରି ଆଖିରେ
ସେ ନଦୀରେ କର ସ୍ନାନ
ଗୁପତ ଗଙ୍ଗାକୁ ନ ଦେଖାଅ କେଭେ
ହଜିଯିବ ଗୁରୁ ଜ୍ଞାନ।

ଗୁରୁ ମୁଖେ ଗୁପ୍ତ ଜ୍ଞାନ
କହିଛନ୍ତି ସାଧୁଜନ।
ବାଟ ଦେଖାଇବା ସାଥୀରେ ନଯିବା
ନୁହଁଇ ଉଚିତ କର୍ମ
କଳିଯୁଗ ଯେଣୁ ଅସତ୍ ଚିନ୍ତାରେ
ବୁଡ଼ିଛନ୍ତି ସର୍ବଜନ
ବାଟ କହି ରୁହ ଟୁନି
ସାଙ୍ଗରେ ବିପଦ ମଣି।

ଅଧର୍ମ ସଂସାରେ ଧର୍ମର ବିଶ୍ୱାସ
ତୁଟିଯାଉଛି ମନରୁ
ମାଛ ଦେଇ ଯେବେ ଗଡ଼ିଆ ଦେଖାଅ
ମାରିଦେବେ ଜୀବନରୁ।

ଏକଥା ସତ୍ୟ ବଚନ
କହିଛନ୍ତି ସାଧୁଜନ।


+ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ
ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ--୯୪୩୮୦୪୮୬୧୫




# ମାଡ୍ରାସ ହାଇକୋର୍ଟଙ୍କୁ ପୁଣି ଗଲା 'ଜନ ନାୟଗନ' ରିଲିଜ ମାମଲା: ସେନ୍ସର ବୋର୍ଡ ଅନୁମତି ପାଇବାକୁ ହାଇକୋର୍ଟ ଯିବାକୁ କହିଲେ ସୁପ୍ରିମକୋର୍ଟ




ତାମିଲ ଅଭିନେତା ବିଜୟଙ୍କ ଅଭିନୀତ 'ଜନ ନାୟଗନ' ଚଳଚ୍ଚିତ୍ର ରିଲିଜ ମାମଲା ପୁଣି ମାଡ୍ରାସ ହାଇକୋର୍ଟଙ୍କ ବିଚାରାଧୀନ ରହିଲା। ଗୁରୁବାର ସୁପ୍ରିମକୋର୍ଟ ଏହି ମାମଲାର ବିଚାର କରି ସେନ୍ସର ବୋର୍ଡ଼ ସାର୍ଟିଫିକେଟ ପାଇବାକୁ ଫିଲ୍ମ ନିର୍ମାତାଙ୍କୁ ମାଡ୍ରାସ ହାଇକୋର୍ଟ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କେଭିଏନ ପ୍ରଡକ୍ସନର 'ଜନ ନାୟାଗନ'କୁ ସ୍ଥଗିତ ରଖିବା ସମ୍ପର୍କରେ ସିବିଏଫସି (ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍) ଅନୁମତି ପାଇବା ପାଇଁ ଆବେଦନକୁ ଖାରଜ କରିଦେଇଛନ୍ତି। ସେନ୍ସର ବୋର୍ଡ଼ ସାର୍ଟିଫିକେଟ୍ ମିଳି ନଥିବାରୁ ଜାନୁଆରି ୯ ତାରିଖରୁ ବିଜୟଙ୍କ ଫିଲ୍ମ ରିଲିଜକୁ ସ୍ଥଗିତ ରହିଛି। ସୁପ୍ରିମକୋର୍ଟ ତାଙ୍କ ରାୟରେ ଆବେଦନକାରୀଙ୍କୁ ସେମାନଙ୍କ ଯୁକ୍ତି ମାଡ୍ରାସ ହାଇକୋର୍ଟ ଡିଭିଜନ ବେଞ୍ଚଙ୍କ ଆଗରେ ରଖିବାକୁ କହିଛନ୍ତି। ମାଡ୍ରାସ ହାଇକୋର୍ଟ ଏହାପୂର୍ବରୁ ନିର୍ମାତାଙ୍କୁ ମିଥ୍ୟା ଜରୁରୀ ଦେଖାଇବାକୁ ନେଇ ତୀବ୍ର ସମାଲେଚନା କରିଥିଲେ। ଏହାସହିତ ମାମଲାର ସମ୍ପୂର୍ଣ୍ଣ ଶୁଣାଣି ନହେବା ପର୍ଯ୍ୟନ୍ତ ସାର୍ଟିଫିକେଟ୍ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୁପ୍ରିମକୋର୍ଟ ଜାନୁଆରି ୨୦ ତାରିଖରେ ଆବେଦନର ନିଷ୍ପତ୍ତି ନେବାକୁ ଚେଷ୍ଟା କରିବାକୁ ମାଡ୍ରାସ ହାଇକୋର୍ଟଙ୍କୁ କହିଛନ୍ତି। ନିଜର ସ୍ଥିତି ସ୍ପଷ୍ଟ କରି ସର୍ବୋଚ୍ଚ କୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବେ ନାହିଁ। କେଭିଏନ ପ୍ରଡକସନ୍ ପାଇଁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କୋର୍ଟରେ ପକ୍ଷ ରଖି କହିଥିଲେ ଫିଲ୍ମ ରିଲିଜରେ ବିଳମ୍ବ ଯୋଗୁଁ ନିର୍ମାତା ସବୁକିଛି ହରାଇଛନ୍ତି ଏବଂ କ୍ଷତିଗ୍ରସ୍ତ ହୋଇଛନ୍ତି। ସିବିଏଫସିକୁ ସାର୍ଟିଫିକେଟ ପ୍ରଦାନ ପାଇଁ କାହିଁକି ଯଥେଷ୍ଟ ସମୟ ଦେଇନଥିଲେ ବୋଲି କୋର୍ଟ ନିର୍ମାତାଙ୍କୁ ପ୍ରଶ୍ନ କରିଥିଲେ।




"ତାରକ ମେହେଟା କା ଓଲଟା ଚଷମା"ର ନିର୍ମାତା ମକର ସଂକ୍ରାନ୍ତି ଅବସରରେ ଏକ ସ୍ୱତନ୍ତ୍ର ୩ଡ଼ ଆନିମେଟେଡ୍ ଏପିସୋଡ୍ ଲଞ୍ଚ କରିଛନ୍ତି। "ଦି ଗ୍ରେଟ୍ ଇଣ୍ଡିଆନ୍ ଗୋକୁଲଡମ୍ କିଟ୍ ଫେଷ୍ଟିଭାଲ୍" ଶୀର୍ଷକ ଏପିସୋଡ୍ ଜାନୁୟାରି ୧୨ ତାରିଖ ଦିନ ୬.୩୦ ସଂଧ୍ୟାରେ "ତାରକ ମେହେଟା କା ଓଲଟା ଚାଶମା ୩ଡ଼ ଆନିମେଟେଡ୍ ସିରିଜ୍" ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଦର୍ଶିତ ହୋଇଥିଲା।

ଏହି ଏପିସୋଡ୍‌ଗୁଡ଼ିକ ହିନ୍ଦୀ, ମରାଠୀ, ଗୁଜରାଟୀ, ତାମିଲ୍, ମାଲାୟଲମ୍, ବଙ୍ଗାଳୀ, ତେଲୁଗୁ ଏବଂ କନ୍ନଡ ସମେତ ଆଠଟି ଭାଷାରେ ଉପଲବ୍ଧ ହେବ ଯାହା ବିଭିନ୍ନ ଅଞ୍ଚଳର ଦର୍ଶକଙ୍କ ପାଇଁ ଖୁସି ଖବର। ଏପିସୋଡ୍‌ଗୁଡ଼ିକ ଏକ ମଜାଦାର କାହାଣୀ ଏବଂ ହାସ୍ୟରସ ମାଧ୍ୟମରେ ଏକତା, ଆତ୍ମା ଏବଂ ପରମ୍ପରାକୁ ପ୍ରଦର୍ଶନ କରେ।

ଗୋକୁଳଧାମ ସୋସାଇଟିର ମକର ସଂକ୍ରାନ୍ତି ଗୁଡ଼ି ମହୋତ୍ସବ ପୂର୍ବରୁ ଅନେକ ଥର ଟିଭି ସୋ'ରେ ପ୍ରଦର୍ଶିତ ହୋଇଛି ଏବଂ ଦର୍ଶକଙ୍କ ମଧ୍ୟରେ ସର୍ବଦା ଲୋକପ୍ରିୟ ହୋଇଛି। ଏହି ସ୍ୱତନ୍ତ୍ର ୩ଡ଼ ଆନିମେଟେଡ୍ ଏପିସୋଡ୍ ସମାନ ଉତ୍ସବକୁ ଏକ ନୂତନ ଉପାୟରେ ଉପସ୍ଥାପନ କରେ। ଉତ୍ସବ ସମୟରେ ଏକ ଗୁଡ଼ି ବିଶୃଙ୍ଖଳା ସୃଷ୍ଟି କରେ, ଏବଂ କାହାଣୀଟି ଗୋକୁଳଧାମର ବାସିନ୍ଦାମାନେ ଏହି ମଜାଦାର ପରିସ୍ଥିତିର ମୁକାବିଲା କିପରି କରନ୍ତି ତାହା ପ୍ରଦର୍ଶନ କରୁଛି। ଏହି ଏପିସୋଡ୍ ଉତ୍ସବର ଆନନ୍ଦ ଏବଂ ମୋଡ଼କୁ ବଜାୟ ରଖିଛି ଯାହା ଦର୍ଶକଙ୍କୁ ମନୋରଞ୍ଜନ ସହିତ ଉତ୍ସବର ଉପଭୋଗ କରିବାକୁ ଅନୁମତି ଦିଏ। ଏବେ ଏହା ଆଠଟି ଭାଷାରେ ଉପଲବ୍ଧ।

ଟିଭି ସୋ ତାରକ ମେହେଟା କା ଓଲଟା ଚଷମାଙ୍କର ଅନେକ ସ୍ମରଣୀୟ ତଥା ପ୍ରିୟ ଚରିତ୍ର ଅଛି ଯାହା ଦର୍ଶକଙ୍କ ହୃଦୟ ଜିତିଛି। ଏଥିମଧ୍ୟରେ ଦିଲୀପ ଯୋଶୀ ଜେଥାଲାଲ, ମୁନମୁନ୍ ଦତ୍ତ ବାବିତା କୃଷ୍ଣନ ଆୟର, ଅମ୍ବିକା ରଂଜନକର, କୋମଲ ହାନସରାଜ ହାଥୀ, ଅଜହର ଶେଖ, ପିଙ୍କୁ ଭଳି ଅମିତ ଭଟ୍ଟ, ଚମ୍ପକଲାଲ ଜୟନ୍ତୀଲାଲ ଗଡା, ଅମରାମ ତୁକୁରାମ ଭୀଦ, ସୋନଲାଇକା ଜୋସ୍ ସୁବ୍ରମଣ୍ୟମ୍ ଆୟର। ଏହି ଶୋ'ଟି ଗତ ୧୭ ବର୍ଷ ଧରି ନିରନ୍ତର ଦର୍ଶକଙ୍କୁ ମନୋରଞ୍ଜନ କରିଆସୁଛି ଏବଂ ଆଜି ମଧ୍ୟ ଏହା ଏହାର କାହାଣୀ ଏବଂ ସ୍ମରଣୀୟ ଚରିତ୍ର ପାଇଁ ଲୋକଙ୍କ ମଧ୍ୟରେ ବହୁତ ଲୋକପ୍ରିୟ।

# ବିବାଦରେ ଯଶଙ୍କ 'ଟକ୍ସିକ': ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି କାରରେ ବୋଲ୍ଡ ସିନ୍

କନ୍ନଡ ସୁପରଷ୍ଟାର ଯଶଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଟକ୍ସିକ' ରିଲିଜ୍ ହେବା ପୂର୍ବରୁ ବିବାଦରେ ଫସିଯାଇଛି। ଫିଲ୍ମର ଟିଜରରେ ଦେଖାଯାଇଥିବା ଏକ ଅନ୍ତରଙ୍ଗ କାର ସିନ୍ ସୋସିଆଲ ମିଡିଆ ସହିତ ରାଜନୈତିକ ଏବଂ ଆଇନଗତ ମହଲରେ ମଧ୍ୟ ବିତର୍କ ଆରମ୍ଭ କରିଛି। ଏହି ସିନ୍‌ରେ ଯଶଙ୍କ ସହିତ ଦେଖାଯାଇଥିବା ଜଣେ ବିଦେଶୀ ଅଭିନେତ୍ରୀଙ୍କ ପରିଚୟ ପ୍ରକାଶ ପାଇବା ପରେ ମାମଲା ଆହୁରି ଉଗ୍ର ରୂପ ନେଇଛି।

ଟିଜରରେ ବ୍ରାଜିଲିୟ ମଡେଲ-ଅଭିନେତ୍ରୀ ବିଟ୍ରିଜ୍ ଟଫେନବାଚ୍‌ଙ୍କ ସହ ଏକ କାରରେ ଥିବା ଅନ୍ତରଙ୍ଗ ସିନ୍ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଏହି ସିନ୍‌କୁ 'ଅଶ୍ଳୀଳ,' 'ଯୌନ ସମ୍ବନ୍ଧୀୟ' ଏବଂ 'ନୈତିକ ଭାବରେ ଆପତ୍ତିଜନକ' ବୋଲି କୁହାଯାଇ ଅନେକ ଅଭିଯୋଗ ଦାଖଲ ହୋଇଛି। ଏହାକୁ ନେଇ ଯେତେବେଳେ ଅଭିନେତ୍ରୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରାଗଲା, ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ଡିଲିଟ୍ କରିଦେଲେ। ଫିଲ୍ମର ଟିଜର ରିଲିଜ୍ ହେବା ପରେ, ଏହି ସୁନ୍ଦରୀ କିଏ ସେ ବିଷୟରେ ଆଲୋଚନା ଆରମ୍ଭ ହୋଇଯାଇଛି। ନିର୍ଦ୍ଦେଶକ ଗୀତୁ ମୋହନଦାସ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ବିଟ୍ରିଜ୍‌ଙ୍କ ପରିଚୟ ପ୍ରକାଶ କରିଛନ୍ତି। ବିଟ୍ରିଜ୍ ଟଫେନବାଚ୍‌ଙ୍କ ପରିଚୟ ପ୍ରକାଶ ପାଇବା ପରେ ତାଙ୍କୁ ସୋସିଆଲ ମିଡିଆରେ ଖୁବ୍ ପ୍ରତିକ୍ରିୟା ଏବଂ ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡ଼ିଛି। ଏହାରି ଭିତରେ ବର୍ତ୍ତମାନ, ଅଭିନେତା ଯଶଙ୍କ ଏକ ପୁରୁଣା ସାକ୍ଷାତକାରର ଏକ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ଅଭିନେତା କନ୍ନଡ ଟକ୍ ଶୋ 'ୱିକେଣ୍ଡ ୱିଥ୍ ରମେଶ'ରେ ଚର୍ଚ୍ଚା କରୁଥିବାର ଦେଖାଯାଉଛନ୍ତି। ଅଭିନେତା ହୋଷ୍ଟଙ୍କୁ କହୁଛନ୍ତି, 'ମୁଁ ଫିଲ୍ମରେ ଏପରି କୌଣସି ସିନ କରିବି ନାହିଁ ଯାହାକୁ ମୋ ବାପାମାଙ୍କ ସହ ଦେଖିବାରେ ମୁଁ ଅସହଜ ହେବି।' ଏହାର ଉତ୍ତରରେ, ହୋଷ୍ଟ ଉତ୍ତର ଦେଉଛନ୍ତି, 'ଖୁବ୍ ବଢିଆ।' ଯଶଙ୍କ ଏହି ପୁରୁଣା ମତକୁ ନେଇ ନେଟିଜେନମାନଙ୍କ ପ୍ରତିକ୍ରିୟା ଆସୁଛି। କିଛି ୟୁଜର ଅଭିନେତାଙ୍କୁ ଟ୍ରୋଲ୍ କରୁଛନ୍ତି, ଅନ୍ୟମାନେ ତାଙ୍କୁ ସମର୍ଥନ କରୁଛନ୍ତି। ତେବେ ଫିଲ୍ମ 'ଟକ୍ସିକ' ୧୯ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ରିଲିଜ୍ ହେବ।




# ଛବିଶର ଝଲକ: ଅପେକ୍ଷାରେ ନାୟିକା



୨୦୨୬ରେ ଓଡ଼ିଆ ସିନେଶିଳ୍ପର ଅଧିକାଂଶ ନାୟିକାଙ୍କ ଅଭିନୀତ ଚଳଚ୍ଚିତ୍ର ରିଲିଜ୍ ହେବ। ଆଗଧାଡ଼ିର ନାୟିକା ଏଲିନାଙ୍କ 'ରକ୍ତ ଗୋଲାପ' ଏବଂ ଭୂମିକା ଦାଶଙ୍କ 'ଚକ୍ରାନ୍ତ' ଓ 'ମନ୍ତ୍ରମୁଗ୍ଧ' ଏବେ ମୁକ୍ତି ପ୍ରତୀକ୍ଷାରେ ରହିଛି। ସେହିପରି ଶିବାନୀଙ୍କୁ ଚଳିତ ବର୍ଷ 'ଦି ମିଲେଟ୍ ଷ୍ଟୋରି' ଓ 'ଗଣ୍ଡ ଭୈରବ'ରେ ଦେଖିବାକୁ ମିଳିବ। ତେଣେ ସୂର୍ଯ୍ୟମୟୀଙ୍କୁ ଏ ବର୍ଷ ଏକାଧିକ ଛବିରେ ଦେଖିବାକୁ ମିଳିବ। ଏଥିମଧ୍ୟରେ ରହିଛି 'ମନ୍‌ଷ୍ଟର', 'ମନ୍ତ୍ରମୁଗ୍ଧ', 'ବିଗୁଲ୍ ୨', 'କାନତରାଟି', 'ବରବଧୂ', 'ଯେ ପକ୍ଷୀ ଉଡ଼େ ଯେତେ ଦୂର', 'ନାୟିକା' ଓ 'ଲାଲମାଟି'। ଏହାଛଡ଼ା ସେ 'ରକ୍ତ ଗୋଲାପ'ରେ ଏକ ଆଇଟମ୍ ଗୀତରେ ବି ନଜର ଆସିବେ। ସୁପ୍ରିୟା ଓ ପୁନମ୍ ଏ ବର୍ଷ 'ରାମରାଜ୍ୟ'ରେ ନଜର ଆସିବେ। ଅଭିଜ୍ଞ ନାୟିକା ଅନୁ ଚୌଧୁରୀ ଓ ଅନନ୍ୟା ମିଶ୍ର 'ଜୟହିନ୍ଦ'ର ରିଲିଜକୁ ଅପେକ୍ଷା କରିଛନ୍ତି। ପ୍ରକୃତିଙ୍କ 'ବିନ୍ଦୁସାଗର' ଏଥର ବଡ଼ପରଦାକୁ ଆସିବ। ଦିବ୍ୟା ୨୦୨୬ରେ ନିଜ ଅଭିନୀତ ସିନେମା 'ଛକିଶୁନ'କୁ ଅପେକ୍ଷା କରିଛନ୍ତି। ଏଣେ ପ୍ରିୟମ୍ବଦା ନିଜର ଆଗାମୀ ସିନେମା 'ରକ୍ତଲୀଳା'କୁ ନେଇ ଉତ୍ସାହିତ ଅଛନ୍ତି। କୁକିଜ୍ 'ଜୟହିନ୍ଦ', 'କେମିତି ଏ ବନ୍ଧନ'ର ଅପେକ୍ଷାରେ ଅଛନ୍ତି। ଏଣେ ଅନୁରାଧା 'ପରୀ'ର ଅପେକ୍ଷାରେ ଅଛନ୍ତି। ପ୍ରିୟଙ୍କା ସାହୁ 'କେମିତି ପ୍ରେମ', 'ଇଶ୍କ ଟ୍ରାଫିକ୍' ଓ 'ମୁଁ ତୁମକୁ ଭଲପାଏ', ପ୍ରିୟଙ୍କା ପାଣିଗ୍ରାହୀ 'ଆଶିକ୍ ଦିୱାନା'ର ଅପେକ୍ଷାରେ ଅଛନ୍ତି। ତେଣେ ଅଙ୍କିତା ଦାଶ ଆଶାବାଦୀ ଯେ ଏ ବର୍ଷ ତାଙ୍କ ଅଭିନୀତ 'ଇଶ୍କୱାଲା ଲଭ୍' ରିଲିଜ୍ ହେବ। ଦିବ୍ୟାସ୍ମାତା 'ଲ୍ୟାଣ୍ଡଫଲ୍' ଅପେକ୍ଷାରେ ରହିଛନ୍ତି। ବର୍ଷା ପ୍ରିୟଦର୍ଶିନୀଙ୍କୁ ବି ଏ ବର୍ଷ ବିଜୟ କାଣ୍ଡୋଇଙ୍କ ପ୍ରଯୋଜିତ ତଥା ବବି ଇସଲାମ୍‌ଙ୍କ ନିର୍ଦ୍ଦେଶିତ ନୂଆ ସିନେମାରେ ଦେଖିବାକୁ ପାଇପାରନ୍ତି ଦର୍ଶକ। ନାୟିକା ସ୍ୱପ୍ନା ପ୍ରିୟଦର୍ଶିନୀଙ୍କ ଅଭିନୀତ ଦୁଇଟି ଓଡ଼ିଆ ଛବି 'ସ୍ୱାଗ୍ ରାଜା' ଓ 'ଲାଇନ୍‌ବାଲା' ମୁକ୍ତିଲାଭ କରିବ। ରୀୟା ଦେଙ୍କ ଆଶିକ୍ ଦିୱାନା', 'ପବିତ୍ରବନ୍ଧନ' ଓ 'ଯୋଉଠି ଥିଲେ ବି ତୁ ମୋର' ୨୦୨୬ରେ ମୁକ୍ତିଲାଭ କରିପାରେ। ତେବେ ଅର୍ଲିନ୍ ଅଙ୍କିତାଙ୍କୁ ୨୦୨୫ ତୁଳନାରେ ୨୦୨୬ରେ ଅଧିକ ସଂଖ୍ୟକ ଓଡ଼ିଆ ସିନେମାରେ ଦେଖିବାକୁ ମିଳିପାରେ। ଏଥିମଧ୍ୟରେ 'ମୋହନଗିରି', 'ହିଟଲର୍', 'ଲାଡଗ୍ଡୁ', 'ଏଡବ୍ଲୁଏମ୍', 'ଶାହାଜାହାନ୍', 'ମୁନ୍ନା ଭାଇ ବିବିଏସଆ' ଆଦି ରହିଛି। ତୃପ୍ତି ମୀରାମ୍ବିକା 'ମଙ୍ଗଳପୁର ଡାଏରୀ', 'ହିରଣ୍ମୟୀ', 'ବବି ଆଉ ବେବି' ଓ 'ମୋହନଗିରି' ଭଳି ସିନେମାରେ ନଜର ଆସିବେ।

ବୀର ପାହାଡିଆ ଏବଂ ତାରା ସୁତାରିଆଙ୍କ ପ୍ରେମ ସମ୍ପର୍କକୁ ନେଇ ଅନେକ ଦିନରୁ ଏମିତି ଗୁଜବ ଚାଲିଥିଲା ଯେ, ଯେଉଁଥିରୁ ଜଣାପଡୁଥିଲା ସେମାନଙ୍କର ବ୍ରେକ୍‌ଅପ୍ ହୋଇଯାଇଛି। ଯେ ଏହି ଦମ୍ପତି ଅଲଗା ହୋଇଯାଇଛନ୍ତି। ଏପି ଢିଲୋନଙ୍କ କନସର୍ଟକୁ ନେଇ ବିବାଦ ପରେ, ତାରା ସୁତାରିଆ ମିଡିଆରେ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ବୀର ପାହାଡିଆଙ୍କୁ ଏକୁଟିଆ ଦେଖିବା ପରେ, ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ଯେ ଅଭିନେତା ତାଙ୍କର ବ୍ରେକଅପ୍ ନିଶ୍ଚିତ କରିଛନ୍ତି କି ନାହିଁ।

ଏହି କାର୍ଯ୍ୟକ୍ରମର ଏକ ଭିଡିଓରେ ବୀର ପାହାଡିଆ ଏକ ସମ୍ପୂର୍ଣ୍ଣ କଳା ପୋଷାକରେ ଏକ ଷ୍ଟାଇଲିସ୍ ଏଣ୍ଟ୍ରୀ କରୁଥିବାର ବ୍ରେକଅପ୍ ନିଶ୍ଚିତ କରିଛନ୍ତି କି ? ବୀର ଏବଂ ତାରାଙ୍କ ପ୍ରଶଂସକମାନେ ଏହି ଭିଡିଓରେ ମନ୍ତବ୍ୟ ଦେଇଛନ୍ତି ଏବଂ ଅଭିନେତ୍ରୀ କେଉଁଠି ଅଛନ୍ତି ଏବଂ ତାଙ୍କୁ ବୀରଙ୍କ ସହିତ କାହିଁକି ଦେଖିବାକୁ ମିଳିଲା ନାହିଁ ବୋଲି ପଚାରୁଛନ୍ତି। ତାରା ଏବଂ ବୀରଙ୍କ ବ୍ରେକଅପ୍ ଖବର ପ୍ରକାଶ ପାଇବା ପରଠାରୁ, ଉଭୟଙ୍କ




ଏବଂ ବୀର ପାହାଡିଆଙ୍କ ମଧ୍ୟରେ ବ୍ରେକଅପ୍ ହୋଇଥିଲା।

ଯଦିଓ ଏହି ଯୋଡି ଏପର୍ଯ୍ୟନ୍ତ ଏହାକୁ ନିଶ୍ଚିତ କରିନାହାଁନ୍ତି, ଗତ ମଙ୍ଗଳବାର ଦିନ ନୁପୁର ସେନନ୍ ଏବଂ ଷ୍ଟେବିନ ବେନଙ୍କ ରିସେପ୍ସନରେ ବୀର ଏକା ପହଞ୍ଚିବା ପରେ ସୋସିଆଲ ଦେଖାଯାଏ। କାର୍ଯ୍ୟକ୍ରମରେ ପହଞ୍ଚିବା ପରେ, ସେ ପ୍ରଥମେ ବର ଏବଂ କନ୍ୟା, ଷ୍ଟେବିନ ଏବଂ ନୁପୁରଙ୍କୁ ଭେଟନ୍ତି।

ବୀର ପାହାଡିଆଙ୍କୁ ଏଠାରେ ଏକୁଟିଆ ଦେଖି ସୋସିଆଲ ମିଡିଆରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି ଯେ ସେ ଶେଷରେ ତାଙ୍କର ପ୍ରଶଂସକମାନେ ଖୁବ୍ ନିରାଶ ହୋଇ ପଡିଛନ୍ତି। ସୋସିଆଲ ମିଡିଆ ୟୁଜରମାନଙ୍କ ହୃଦୟ ଭାଙ୍ଗି ଯାଇଛି। ତେବେ ବଲିଉଡର ଏହି ଯୋଡି ଯେବେ ପ୍ରଥମ ଥର ପାଇଁ ସେମାନଙ୍କର ଫଟୋ ଶେୟାର କଲେ ସେବେଠାରୁ ସେମାନଙ୍କ ସମ୍ପର୍କକୁ ନେଇ ଖବରରେ ଅଛନ୍ତି।

# ସଂଗୀତ ହିଁ ମୋ ଜୀବନ : ଗୋପୀନାଥ ପାଣିଗ୍ରାହୀ



ଓଡ଼ିଶାର ସଙ୍ଗୀତ ଜଗତରେ ଯେଉଁ କଣ୍ଠଶିଳ୍ପୀ ବନ୍ଧୁ ମାନେ ଖୁବ୍ ସୁନ୍ଦର ସଙ୍ଗୀତ ପରିବେଷଣ କରି ଉପଯୁକ୍ତ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ସେମାନଙ୍କ ମଧ୍ୟରେ ଚର୍ଚ୍ଚିତ କଣ୍ଠଶିଳ୍ପୀ ଗୋପୀନାଥ ପାଣିଗ୍ରାହୀ ଅନ୍ୟତମ। ୧୯୭୫ ମସିହାରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ସରୋଜ କୁମାର ପାଣିଗ୍ରାହୀ ଓ ମାତା ସୌଦାମିନୀ ପତି। ତାଙ୍କର ଶ୍ୱଶୁର ରବିନାରାୟଣ କର ଓ ଶାଶୁ ମିନତୀ ମୟୀ କର। ତାଙ୍କର ଧର୍ମପତ୍ନୀ ଗୀତାଞ୍ଜଳୀ କର ଓ ଏକମାତ୍ର କନ୍ୟା ରୂପାଲି ରୁପଶ୍ମିତା ପାଣିଗ୍ରାହୀ ଓରଫ୍ କୁନ୍ ମୁନ୍। ଗୋପୀନାଥ ଙ୍କ ଲୋକପ୍ରିୟ ଗୀତ ମଧ୍ୟରେ ରହିଛି ଗେଲି କଣ୍ଢେଇ, ହେ ସମୟ, କେତେ ଦୁଃଖ ଦେବୁ ଦେରେ କାଳିଆ, ସିଂହ ଦୁଆରେ ଯିବିନି ମୁଁ ଆଉ, ଚକା ଆଖିକୁ ମୁଁ ଚାହିଁବିନି ଆଉ। ଗୋପୀନାଥ ଙ୍କ ଆଧୁନିକ ଗୀତ ମଧ୍ୟରେ ରହିଛି ତୁହି ତୁ, ନେଇଯିବି ତୋତେ କନ୍ଧମାଳ, ନାଗୀନ ନାଗିନ, ପୁରୁଣା ଚିଠି, ଚିରା ପଣତ ପ୍ରଭୃତି। ଖୁବ ସୁନ୍ଦର ଗୀତ ଗାଇ ସମସ୍ତଙ୍କର ପ୍ରିୟ ପାତ୍ର ହୋଇ ପାରିଛନ୍ତି ଗୋପୀନାଥ। ଗୋପୀନାଥଙ୍କ ପ୍ରିୟ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ହେଉଛନ୍ତି ଅକ୍ଷୟ ମହାନ୍ତି, ପ୍ରଣବ ପଟ୍ଟନାୟକ,ନିଜାମ, ସରୋଜ ନନ୍ଦ, ମନ୍ମଥ ମିଶ୍ର, ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ନିର୍ମଳ ନାୟକ,ବିକାଶ ଦାସ,ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର,ବାପୁ ଗୋସ୍ୱାମୀ, ବିକାଶ ଶୁକ୍ଳା, ରୁଦ୍ର ମାଧବ ବାରିକ୍, ଅମୃତାଂଶୁ ପଟ୍ଟନାୟକ, ମନୋରଞ୍ଜନ ଦାସ ପ୍ରଭୃତି। ସଙ୍ଗୀତ ସମ୍ପର୍କରେ ପଚାରିଲେ ଗୋପୀନାଥ ସବୁ କ୍ଷେତ୍ରକୁ ସମୀକ୍ଷା କରି କୁହନ୍ତି ସଙ୍ଗୀତ ହିଁ ମା ଜୀବନ। ସଙ୍ଗୀତକୁ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ। ବର୍ତ୍ତମାନ ବାଲେଶ୍ୱର ସହରରେ କଲ୍ୟାଣ ନଗରରେ ଗୋପୀନାଥ ପାଣିଗ୍ରାହୀ ସପରିବାର ବାସ କରୁଛନ୍ତି। ତାଙ୍କର ପିତା ଓ ମାତାଙ୍କ ନାମରେ ଏସ ଏସ ମ୍ୟୁଜିକ୍ ଷ୍ଟୁଡିଓ ପ୍ରତିଷ୍ଠା କରିଛନ୍ତି। ସଙ୍ଗୀତ ପାଇଁ ସୋସିଆଲ ମିଡିଆରେ ଗୋପୀନାଥ ଖୁବ୍ ଭାଇରାଲ୍ ହୋଇଛନ୍ତି। ଏହି ସଙ୍ଗୀତ କ୍ଷେତ୍ରରେ ତଥା ଷ୍ଟୁଡିଓକୁ ଆଗକୁ ନେବାରେ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳୀ ଖୁବ୍ ସହଯୋଗର ହାତ ବଢାଇଛନ୍ତି। ଓଡ଼ିଶାର କଟକ ଭୁବନେଶ୍ୱର ବ୍ୟତୀତ ବିଭିନ୍ନ ସ୍ଥାନରେ ଗୋପୀନାଥ ଖୁବ୍ ମନଛୁଆଁ ସଙ୍ଗୀତ ପରିବେଷଣ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥି ପାଇଁ ସେ ବିଭିନ୍ନ ସାହିତ୍ୟ ଓ କଳା ସଂସ୍କୃତି ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଗୋପୀନାଥଙ୍କ ସମସ୍ତ ସ୍ୱପ୍ନ ପୂରଣ ହେଉ ଓ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହା ହିଁ କାମନା।

ଉପସ୍ଥାପନା :ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ଜୟପୁର ଉ.ପ୍ରା (ମ.ଇ) ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଉଦଳା ,୧୫/୧ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ଉ.ପ୍ରା (ମ.ଇ) ବିଦ୍ୟାଳୟର ଦୁଇ ଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟସରକାରଙ୍କର ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗର ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ ଅଧକ୍ଷତା କରିଥିଲେ ଓ ଉଦଳାର ମାନ୍ୟବର ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ବିଶିଷ୍ଟ ଅତିଥି ଭାବରେ ମୟୂରଭଞ୍ଜର ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟର ଅଭୂତପୂର୍ବ ସଫଳତା ସମ୍ପର୍କରେ ଅବଗତ ହୋଇ ଏହାର ଭୂୟସୀ ପ୍ରଶଂସା କରିବା ସହ ବିଦ୍ୟାଳୟର ପ୍ରତିଷ୍ଠାତା କୈଳାସ ଚନ୍ଦ୍ର ନାୟକ ଓ ଗ୍ରାମବାସୀ ମାନଙ୍କୁ ସାଧୁବାଦ ଜଣାଇଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ମାନଙ୍କୁ ବିଦ୍ୟାଳୟର ପୂର୍ବ ଐତିହ୍ୟ ଓ ଶୈକ୍ଷିକ ସମ୍ଭାବନାକୁ ଉଦ୍‌ଜୀବିତ ରଖିବାକୁ ଅନୁରୋଧ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଜୀବନରେ ଭଲମଣିଷ ହେବା ପାଇଁ ଉପଦେଶ ଦେଇଥିଲେ । ଏହି ଅଧିବେଶନରେ ବିଦ୍ୟାଳୟର ସଫଳତାରେ ଶିକ୍ଷକଙ୍କର ନେତୃତ୍ୱ ସମ୍ପର୍କୟୀ ଆଲୋଚନାଚକ୍ରରେ ବିଶିଷ୍ଟ ଆଲୋଚକ ଭାବରେ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ଓ ରାଜ୍ୟ ସମ୍ମାନପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଦାସବାବୁ ଅଂଶ ଗ୍ରହଣ ପୂର୍ବକ ସଫଳ ଶିକ୍ଷାନୁଷ୍ଠାନ ଗଠନରେ ଶିକ୍ଷକଙ୍କର ଭୂମିକା ସମ୍ପର୍କରେ ବିଶେଷ ବକ୍ତବ୍ୟ ରଖିଥିଲେ । ଏହାପରେ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ ବରିଷ୍ଠ ଶିକ୍ଷକ ପ୍ରିୟବ୍ରତ ବାରିକ ଓ ପରେ ପରେ ମୁଖ୍ୟ ଅତିଥି ସୁବର୍ଣ୍ଣ ଜୟନ୍ତୀର ସ୍ମରଣିକା ବାଙ୍ମୟୀକୁ ଉନ୍ମୋଚନ ସହ ଲୋକାର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ । ଏଥିରେ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ଉଦଳା ଏନ୍.ଏ.ସି. ର ଅଧକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା ଓ ବିଶିଷ୍ଟ ବକ୍ତା ଭାବରେ ଗୋପବନ୍ଧୁଗର ବ୍ଲକର ଶିକ୍ଷାଧିକାରୀ ଡ଼. ଅଭିମନ୍ୟୁ ସେଠୀ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ବହୁ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ସେମାନେ ଜୀବନରେ ଜଣେ ଜଣେ ସଫଳ ମଣିଷ ହେବାକୁ ଉପଦେଶ ଦେଇଥିଲେ । ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ପୁରାତନ ଛାତ୍ର ସଂଘର ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବରିଷ୍ଠ ଛାତ୍ର ରବୀନ୍ଦ୍ର ନାଥ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ ଓ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପ୍ରଥମ ମେଧାବୀ ଛାତ୍ର ଭୁବନେଶ୍ୱରର ଆପୋଲୋ ଓ କିମ୍ସ ହସପିଟାଲର ଗ୍ୟାଷ୍ଟ୍ରୋଆଂଟ୍ରୋଲଜି ବିଭାଗର ମୁଖ୍ୟ ପ୍ରଫେସର ଡ଼.ମନୋଜ କୁମାର ସାହୁ ମଂଚାସୀନ ହୋଇ ଛାତ୍ର ଛାତ୍ରୀ ମାନଙ୍କୁ କଠୋର ପରିଶ୍ରମୀ ଓ ଉଚ୍ଚାଭିଳାସୀ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଓ ବକ୍ତା ମାନଙ୍କ ମଧ୍ୟରେ ଜୟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ପଟନାୟକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା, ବିଦ୍ୟାଳୟର ପୁରାତନ ଛାତ୍ର ଭାଗୀରଥି ଆଚାର୍ଯ୍ୟ, ଶଶିଧର ବାରିକ, ମନୋରଂଜନ ବାରିକ, ବିଶିଷ୍ଟ କବି ମାନବେନ୍ଦ୍ର ରାୟ, ସମାଜସେବୀ ଗୌରାଙ୍ଗ ପୁଥାଳ ପ୍ରମୁଖ ବିଦ୍ୟାଳୟର ଗୌରବାବହ ଇତିହାସ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ । ଉଦ୍‌ଯାପନୀ ଦିବସର ଦ୍ୱିତୀୟ ଅଧିବେଶନରେ ଜୟପୁର ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଆପିକଲର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଓ ପଲ୍ଲୀପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କର ମଧ୍ୟମପୁତ୍ର ତଥା ବିଶିଷ୍ଟ ବୈଜ୍ଞାନିକ ଡ଼. ଅମୀୟ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାର ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଓ ନୀଳଗିରି ମହିଳା ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ବିଶିଷ୍ଟ ବକ୍ତା ଭାବରେ ଯୋଗଦାନ କରି ଉପସ୍ଥିତ ବର୍ତ୍ତମାନର ଓ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ଗଳ୍ପ ଆକାରରେ ବହୁ ଉପଦେଶ ଓ ପରାମର୍ଶମାନ ଦେଇଥିଲେ । ସଭା ଶେଷରେ ମୁଖ୍ୟ ଅତିଥି ବିଦ୍ୟାଳୟ କୃତି ଛାତ୍ର ଛାତ୍ରୀ ଓ କୃତବିଦ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସହପ୍ରତିଷ୍ଠାତା ମାନଙ୍କୁ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୋମନାଥ କର, ଶିକ୍ଷକ ଅରବିନ୍ଦ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ନାୟକ ପୁରାତନ ଛାତ୍ର ସଂଘର ସଭାପତି ଅମର କୁମାର ନାୟକ, ଛାତ୍ରସଂଘର ସଂପାଦକ ସମିର କୁମାର ଷଡ଼ଙ୍ଗୀ, ଅଜିତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିରେନ କୁମାର ରାୟ, କାର୍ଯ୍ୟକାରୀ ସଭାପତି ଜ୍ୟୋତିରଂଜନ ରାଜ, ବିଜୟ କୁମାର ପରିଡ଼ା, ସିଦ ମାଝୀ ଓ ମଂଜୁଶ୍ରୀ ଷଡ଼ଙ୍ଗୀ, ଡ଼. ସୁଜାତାରାଣୀ ସୁର, ଡ଼. ସଂଯୁକ୍ତାରାଣୀ ସୁର, ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥାଇ ଛାତ୍ର ଛାତ୍ରୀ ମାନଙ୍କୁ ବହୁ ଉପଦେଶ ଦେଇଥିଲେ ।

# ମା' ଶବ୍ଦ ସଂଘ ବସ୍ତାର ସାଧାରଣ ବୈଠକ



ବାଲେଶ୍ୱର, ୧୫/୧ (ନି.ପ୍ର): ବାଲେଶ୍ୱରର ବସ୍ତା ସ୍ଥିତ କୁଡ଼ିଆ ଗ୍ରାମରେ ତା ୧୪-୦୧-୨୦୨୬ ରିଖରେ ମା' ଶବ୍ଦ ସଂଘ ବସ୍ତାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଉପଦେଷ୍ଟା ମହମ୍ମଦ ଇସଲାମ ସଭାପତିତ୍ୱ କରିଥିଲେ। ଏହି ସାଧାରଣ ସଭାରେ ମା' ଶବ୍ଦ ସଂଘର ସଭାପତି କିରଣ ବେହେରା ଓ ସଂପାଦକ ଝାଣ୍ଟୁ ଚରଣ ବେଜ ଓ ଅନ୍ୟତମ ଉପଦେଷଟା ଶ୍ରୀନିବାସ ଜେନା ପ୍ରମୁଖ ଉପସ୍ଥିତ ରହି ସଂଘର ଉନ୍ନତିକରଣ ଓ ସ୍ଥାୟୀ କାର୍ଯ୍ୟାଳୟ ଏବଂ ମା' ଶବ୍ଦ ସଂଘର ସମସ୍ତ ସଭ୍ୟମାନଙ୍କର ବୀମାକରଣ ସହିତ ପଂଜିକରଣ ପାଇଁ ମଧ ଆଲୋଚନା ହୋଇଥିଲା। ମା' ଶବ୍ଦ ସଂଘ ଯେତେଯାଏଁ ସ୍ଥାୟୀ କାର୍ଯ୍ୟାଳୟ ନହୋଇଛି ଏହି କୁଡ଼ିଆଠାରେ ଅସ୍ଥାୟୀ ରୂପେ ସଂଘର କାର୍ଯାଳୟ ଚାଲୁ ରହିବ। ଏହି ସଂଗଠନର କିପରି ଭାବେ ସଭ୍ୟ ସଂଖ୍ୟା ବଢ଼ିବ ଏଥିପାଇଁ ସଂପାଦକ ଝାଣ୍ଟୁ ଚରଣ ବେଜ୍ ଗୁରୁତ୍ୱ ଆରୋପ କରିଥିଲେ। ଉପସ୍ଥିତ ଥିବା ସମସ୍ତ ସଭ୍ୟ ଏକ ସ୍ୱରରେ କହିଥିଲେ, ଆମ୍ଭେ ଏକତ୍ରିତ ହୋଇ କାର୍ଯ୍ୟ କରିବୁ ଏବଂ ଅନେକ ସମୟରେ ଆମ୍ଭମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ହେଉଛି, ଏହାକୁ ସଂଘ ମାଧ୍ୟମରେ ସମାଧାନ କରିବୁ। ଏହି ସଭାରେ ହେମନ୍ତ କୁମାର ଜେନା, କିରଣ କୁମାର ବେହେରା, ସକିଲା ବାନୋ, ଫକୀରମୋହନ ଚନ୍ଦ, ସଦନାକର ଗିରି, ଅଜୟ କୁମାର ସାହୁ, ସୁକାନ୍ତ ବେହେରା, ପ୍ରଭାକର ମହାନ୍ତି, ରାମଚନ୍ଦ୍ର ମୁଲା, ଅଜୟ ପାତ୍ର, ପ୍ରଦୀପ୍ ଗିରି, ଅରବିନ୍ଦ ରାଉତ୍, ରଂଜନ କୁମାର ବାରିକ୍, ଦୀପକ ରାମ୍ ଓ ଦିଲ୍ଲୀପ ରାମ ପ୍ରମୁଖ ଯୋଗ ଦେଇଥିଲେ ଓ ସର୍ବଶେଷରେ ଝଣ୍ଟୁ ଚରଣ ବେଜ୍ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

# ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଉତ୍କଳିକା ସ୍ପୋର୍ଟିଂକୁ ୫୫ରନରେ ହରାଇଲା ଆଦର୍ଶ କ୍ରିକେଟ ଏକାଡେମୀ




ଖଇରା, ୧୫/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ୨୦୨୬ ବୁଧବାର ଦିନ ଉଦଯାପିତ ହୋଇ ଯାଇଛି । ରୋମାଞ୍ଚକର ଫାଇନାଲରେ ଆଦର୍ଶ କ୍ରିକେଟ ଏକାଡେମୀ ଉତ୍କଳିକା ସ୍ପୋଟିଂ ବାସୁଦେବପୁରକୁ ୫୫ରନରେ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ଆଦର୍ଶ ଏକାଡେମୀ ୨୦ ଓଭରରେ ୬ଉଇକେଟ ହରାଇ ୨୭୫ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିଶାଳ ଦାସମାତ୍ର ୩୮ବଲରୁ ବିସ୍ଫୋରକ ୮୮ରନ କରି ଅପରାଜିତ ରହିଥିଲେ। ୨୭୬ ରନର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇଥିବା ଉତ୍କଳିକା ସ୍ପୋର୍ଟିଂ ୨୦ ଓଭରରେରେ ୯ଉଇକେଟ ହରାଇ ମାତ୍ର ୨୨୦ରନ କରି ପରାଜୟ ସ୍ୱିକାର କରିଥିଲା । ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଓ ଅଶୋକ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ । କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ପଡିଆର ଉନ୍ନତିକରଣ ନୂତନ ଗୃହ ନିର୍ମାଣ ପାଇଁ ୮ଲକ୍ଷ ଟଙ୍କା ର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ, ଆଇସିପିଏସ ଅଧ୍ୟକ୍ଷ ରାଜେଶ ମହାକୁଡ,ରାଧାକାନ୍ତ ରାଉଳ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଟିମକୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ ଟିମକୁ କପ ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫଦି ମ୍ୟାଚ ଭାବେ ଆଦର୍ଶ ଏକାଡେମୀର ମୁକେଶ କୁମାର ଓ ମ୍ୟାନ ଅଫ ଦି ସିରିଜ ଭାବେ ଉତ୍କଳିକା ସ୍ପୋର୍ଟିଂର ଚନ୍ଦ୍ର ଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । କମିଟି ସମ୍ପାଦକ ଶିବ ସୁନ୍ଦର ଦାସ ବିବରଣୀ ପାଠ ଓ ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୋରର ଭାବେ କମଳାକାନ୍ତ ବେହେରା, ହେମନ୍ତ ଓ ଦିନେଶ,ଭାସ୍ୟକାର ଭାବେ ଉଦୟଭାନୁ ପତି ଓ ସୁବାସ ସାର ଦାୟିତ୍ୱ ତୁଲାଇଥିଲେ ।

# ପିଏମଶ୍ରୀ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ୍ ଅନୁଷ୍ଠିତ




ବାଲିଆପାଳ , ୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲବରେ ବିଦ୍ୟାଳୟରୁ ବିଜ୍ଞାନରେ ୧୫ ଟି ଏବଂ ଗଣିତରେ ୧୫ ଟି ସରକଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ସରକଲରେ ୩୦ ଜଣ ଛାତ୍ର ଛାତ୍ରୀ ରହିଥିଲା ବେଳେ ସର୍ବମୋଟ ୯୦୦ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ସିଆରସିସି ପାର୍ଥ ସାରଥି ବେହେରା, ତପନ କୁମାର ରାଉଳ, ସହକାରୀ ଶିକ୍ଷକ ସୁବାଶ ଚନ୍ଦ୍ର ଭଞ୍ଜ , ସୁଶାନ୍ତ ଗିରି,ପ୍ରଭାସ କୁମାର ଦେ ,ପ୍ରଧାନ ଶିକ୍ଷକ ବିଜୟ କୁମାର ବାରିକ, ପବନ କୁମାର ଦେ ଯୋଗଦେଇ ଥିଲେ। ଶ୍ରେଷ୍ଠ ପ୍ରକଳ୍ପ ତଥା ପ୍ରତି ସରକଲରୁ ତିନି ଜଣ ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାରାୟଣ ବାଗ ଯୋଗଦେଇ ଏହି ଗଣିତ ଓ ବିଜ୍ଞାନ କ୍ଲବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ବେହେରା , ମୁଖ୍ୟ ବକ୍ତା ନିଖିରା ଉଚ୍ଚ ବିଦ୍ୟାଳୟର ତ୍ରିଲୋଚ ନାୟକ, ସମ୍ମାନିତ ଅତିଥି ଭାବେ ଆଲୁମିନି ସଭାପତି ଶିବପ୍ରସାଦ ଅଣ୍ଡିଆ, ସଦସ୍ୟ ଜୟନାରାୟଣ ମହାପାତ୍ର,ଏସ୍ ଏମ୍ ସି ସଦସ୍ୟ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ଏହି ଗଣିତ ଓ ବିଜ୍ଞାନ କ୍ଲବ୍ ଅନୁଷ୍ଠିତ ହେବା ଦ୍ୱାରା କୁନି କୁନି ପ୍ରତିଭା ମାନଙ୍କର ବିଜ୍ଞାନ ଓ ଗଣିତର ସୃଜନାତ୍ମକ ସୃଷ୍ଟି, ବିଶ୍ଳେଷଣାତ୍ମକ ଚିନ୍ତନ, ସମସ୍ୟା ସମାଧାନ, ଦଳଗତ ବୈଜ୍ଞାନିକ ଗବେଷଣାତ୍ମକ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିପାରିବ ବୋଲି କହିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ବେଳେ ପ୍ରାକ୍ତନ ଶିକ୍ଷାବିତ ଭଗିରଥ ଗିରି ମଞ୍ଚ ସଞ୍ଚାଳନ କରିଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଫକୀରମୋହନ ଜୟନ୍ତୀ ଉତ୍ସବର ଉଦ୍‌ଘାଟନୀ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ନୀଳଗିରି , ୧୫/୧ (ନି.ପ୍ର): କବିତୀର୍ଥ ଶାନ୍ତିକାନନ ଠାରେ ଫକୀର ମୋହନ ଜୟନ୍ତୀଉତ୍ସବ ଓ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ଓ ବିଶିଷ୍ଟ ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ ।ମାନ୍ୟବର ବିଧାୟକ ଅଭିଭାଷଣରେ ଭାଷା ଗୋଟିଏ ଜାତିର ସୁସ୍ଥ ମଣିଷର ଆତ୍ମା ।ହାରିଯାଇଥିବା ମଣିଷର କବିତା ହେଉଛି ଏକ ଭରସାର ଡଙ୍ଗା ପରି ।ଫକୀର ମୋହନଙ୍କ କବିତା କିପରି ତାଙ୍କ ଜୀବନକୁ ପ୍ରେରଣା ଦେଇଆସିଛି ତାହା ପ୍ରକାଶ କରିଥିଲେ ।ବସ୍ତା ବିଧାୟିକା ସୁବାସିନୀ ଜେନା ଫକୀରମୋହନ ସେନାପତି ରେବତୀକୁ ଶିକ୍ଷାଦେଇ ଯେଉଁ ନାରୀଶିକ୍ଷାର ପ୍ରଚଳନ କରିଥିଲେ ଆଜି ସମଗ୍ର ନାରୀସମାଜ ତାର ଭରପୁର ଫାଇଦା ପାଇ ଆସୁଛନ୍ତି ।ତଥାପି ନାରୀ ସ୍ୱାଧୀନତାର ଫକୀର ମୋହନଙ୍କର ଆଶା ତଥାପି ଅଧୁରା ରହିଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ପୌରାଧକ୍ଷ୍ୟା ସବିତା ସାହୁ ଫକୀରମୋହନ ପୀଠର ଉନ୍ନତି ପାଇଁ ସେ ସଦାଯତ୍ନଶୀଳ ଅଛନ୍ତି ଓ ଏ ଅନୁଷ୍ଠାନ ସମଗ୍ର ଓଡିଶାପାଇଁ ବାଲେଶ୍ୱରର ଗର୍ବ ବୋଲି ପ୍ରକାଶ କରିଥିଲେ ।ମୁଖ୍ୟବକ୍ତା ରୂପେ ସୁଦୂର ଖଡ଼ିଆଳରୁ ଆମନ୍ତ୍ରିତ ଶ୍ରୀକାନ୍ତ ଚାଟାର୍ଜୀ ସର୍ବଭାରତୀୟ କ୍ଷେତ୍ରରେ ଫକୀର ମୋହନଙ୍କ ଗଦ୍ୟସାହିତ୍ୟ ଭାଷା ସଙ୍କଟ ସମୟରେ ସେନାପତି କର୍ତ୍ତବ୍ୟ ଓ ଓଡ଼ିଆ ଜାତୀୟତାବାଦରେ ତାଙ୍କର ସଙ୍କଟମୋଚନ ଭୂମିକା ଓଡ଼ିଆ ଜାତିପାଇଁ ସଦା ଅବିସ୍ମରଣୀୟ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଉକ୍ତ ସଭାରେ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକକଥନ ରଖିଥିଲେ ।ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିବା ବେଳେ ଅତିଥିପରିଚୟ ପ୍ରାକ୍ତନ ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଏବଂ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।ଦ୍ୱିତୀୟ ଅଧିବେଶନରେ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା ।ଡ. ଅଲେଖ ଚନ୍ଦ୍ର ପଡ଼ିଆରୀ ଏହି କବିତା ମହାକୁମ୍ଭକୁ ଉଦଘାଟନ କରିଥିଲେ। ଡ.ରାଧାରଂଜନ ପଟ୍ଟନାୟକ ବରେଣ୍ୟଅତିଥି ରୂପେ କବିତାର ଭାବଧର୍ମସମ୍ପର୍କରେ ଆଲୋଚନା ରଖିଥିଲେ। ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ସଭାରେ କବି ରଂଜନ ବାଗ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିଲେ। କବି ମଧୁସୂଦନ ମିଶ୍ର ଓ ଡ.ମମତା ସାହୁଙ୍କ ସଂଯୋଜନାରେ ବାଲେଶ୍ୱର ବାହାର ଅଞ୍ଚଳରୁ୨୫ନିମନ୍ତ୍ରିତ ଅତିଥିକବିଙ୍କ ସମେତ୮୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

# ମକର ମିଳନ ଉପଲକ୍ଷେ ଫକୀରମୋହନ ଜୟନ୍ତୀ ପାଳିତ

ବାରିପଦା , ୧୫/୧ (ନି.ପ୍ର): ମୟୂରଭଞ୍ଜର ପ୍ରସିଦ୍ଧ ଗଣପର୍ବ ମକର ଉତ୍ସବ ଅବସରରେ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଏକ ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ସେନାପତି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ମଧ୍ୟ ପାଳିତ ହୋଇଯାଇଛି। ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଷଦର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଅଜିତ କୁମାର କବାଟ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମକର ସଂକ୍ରାନ୍ତିର ତାତ୍ପର୍ଯ୍ୟ ଏବଂ ତହିଁରେ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟର ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଓ କବି ଅଜିତ ପାଣିଗ୍ରାହୀ, କବୟିତ୍ରୀ ବାସନ୍ତୀଲତା ମହାପାତ୍ର ଯୋଗ ଦେଇ ଓଡ଼ିଆ ଭାଷାର ସ୍ୱାତନ୍ତ୍ର ପ୍ରତିପାଦିତ କରିବା ଦିଗରେ ଫକୀରମୋହନ ସେନାପତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଆବାହନରେ କାର୍ଯ୍ୟକ୍ରମ ଆରମ୍ଭ ହେବାପରେ ପରିଷଦର ସଂପାଦକ ମନୋଜ ଦଳବେହେରା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। କବୟିତ୍ରୀ ସ୍ନେହଲତା ନାୟକ ଏବଂ କବି ଗୋପାଳ ଚନ୍ଦ୍ର ସାଓଙ୍କ ମିଳିତ ସଂଯୋଜନାରେ ଆୟୋଜିତ କବିତା ଆସରରେ ପଣ୍ଡିତ ଭାଗବତ ପଣ୍ଡା, ଡ଼. ଶଶିଧର ବିଶ୍ୱାଳ, ନରସିଂହ ବାରିକ, ଅଜୟ କୁମାର ପାଳ, ବନମାଳୀ ପାତ୍ର, ଡ. ସଂଜୀବ ପାଣିଗ୍ରାହୀ ପ୍ରମୁଖ ଅନେକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବି ଶଙ୍କର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ଲଙ୍ଗଳେଶ୍ୱର , ୧୫/୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ଗ୍ରାମ ପଞ୍ଚାୟତ ର ବିଶିଷ୍ଟ ସମାଜସେବୀ ବରୁଣ ପଣ୍ଡାଙ୍କ ମାତା ତଥା ଜନ୍ମେଜୟ ପଣ୍ଡାଙ୍କ ସହଧର୍ମିଣୀ ଭଗବତୀ ପଣ୍ଡା ମଙ୍ଗଳବାର ଅପରାହ୍ନ ସମୟରେ ସତାନବେ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି ।ସେ ଜଣେ ଧର୍ମ ପରାୟଣା, ଦାନୀ,ପର ଉପକାରୀ ମହିୟସୀ ମହିଳା ଥିଲେ ତାଙ୍କ ବିୟୋଗରେ ଗ୍ରାମବାସୀ, ବନ୍ଧୁବାନ୍ଧବ, ଦୁଇ ଝିଅ,ପୁଅ, ନାତି, ନାତୁଣୀ, ଗଭୀର ଦୁଃଖ ପ୍ରକାଶ କରିବା ସହିତ କଷାଫଳ ବାରୁଣୀ ଘାଟ ନିକଟରେ ଶେଷ କୃତ୍ୟ କରାଯାଇଛି।

# ମାଟ୍ରିମୋନି ସାଇଟ୍‌ରେ ଠକେଇ ଅଭିଯୋଗ: ଜଣେ ଗିରଫ

ଭୁବନେଶ୍ୱର, ୧୫/୧ (ନି.ପ୍ର): ଠକିବା ପାଇଁ ନୂଆ ଅସ୍ତ୍ର ପାଲଟିଛି ମାଟ୍ରିମୋନି ସାଇଟ୍। କେତେବେଳେ ଡାକ୍ତର ତ ପୁଣି କେତେବେଳେ ବ୍ୟାଙ୍କ ମ୍ୟାନେଜର କହି ଲୋକଙ୍କୁ ଚୂନା ଲଗାଇବା ଘଟଣାରେ ରଞ୍ଜୀବ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ପାହଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତାଙ୍କୁ ବାନ୍ଧିଛି। ଅଭିଯୋଗ ଅନୁଯାୟୀ ୨୦୨୧ ମସିହାରେ ମାଟ୍ରିମୋନି ସାଇଟରେ ଅଭିଯୁକ୍ତ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ସଂପର୍ଶରେ ଆସିଥିଲେ । ନିଜ ଭାଇ ସହିତ ବାହାଘର କରିବାକୁ କରାଇ ସମ୍ପର୍କ ନିବିଡ କରିଥିଲେ। ବିଭିନ୍ନ ବ୍ୟାଙ୍କରେ ପଲିସି ସହିତ ଜାଗା କିଣିବା ପାଇଁ ଅଭିଯୋଗକାରୀ ଙ୍କ ଠାରୁ ୨୨ ଲକ୍ଷ ଟଙ୍କା ନେଇଥିଲେ। ଠକାମୀର ଶିକାର ହେବା ପରେ ପୀଡିତ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେପଟେ ରଞ୍ଜୀବଙ୍କ କେହି ଭାଇ ନାହାଁନ୍ତି କି ସେ ବି ଡାକ୍ତର ନୁହଁନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି ।ତଦନ୍ତରୁ ଜଣାପଡିଛି ରଞ୍ଜୀବ ମାଟ୍ରୋମନି ସାଇଟ୍ ରେ ଆକାଉଂଟ୍ ଖୋଲି ଲୋକଙ୍କୁ ଠକି ଥାଏ। ନିଜକୁ କେବେ ଡାକ୍ତର ତ ପୁଣି କେବେ ବ୍ୟାଙ୍କ ମ୍ୟାନେଜର କହି ପରିଚୟ ଦେଇଥାଏ। ଏଥର ଅଭିଯୋଗ ପରେ ରଞ୍ଜୀବ କୁମାର ପ୍ରଧାନ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।
ସେପଟେ ପୋଲିସ କମିଶନର ସୁରେଶ ଦେବଦତ ସିଂ କହିଛନ୍ତି ପରିଚିତ ନଥିବା ବ୍ୟକ୍ତି ଙ୍କ ସହିତ ସମ୍ପର୍କ ରେ ବାନ୍ଧି ହେବା ଆଗରୁ ଯାଂଚ କରିବା ଉଚିତ୍ । ପୁଣି ମାଟ୍ରୋମନି ସାଇଟକୁ ଯଦି ଯାଉଛନ୍ତି ତେବେ ଟଙ୍କା ଦେବା ନେବା ପୂର୍ବରୁ ସତର୍କ ରୁହନ୍ତୁ ନଚେତ ଠକାମୀର ଶିକାର ହୋଇପାରନ୍ତି।

# ରାଷ୍ଟ୍ରମୁକ୍ତ ଓ ରାଜ୍ୟମୁକ୍ତ ବିଦ୍ୟାଳୟରେ ସଚେତନତା ମେଗା କ୍ୟାମ୍ପ ଅନୁଷ୍ଠିତ




ବାଲିଆପାଳ , ୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରମୁକ୍ତ ବିଦ୍ୟାଳୟ ଏବଂ ରାଜ୍ୟମୁକ୍ତ ବିଦ୍ୟାଳୟରେ ଏଡ଼ିସନ ଏବଂ ସଚେତନତା ସୃଷ୍ଟି ପାଇଁ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱ କରିଥିଲେ। ଏହି ସଭାରେ ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିବେକାନନ୍ଦ ଜେନା ଏବଂ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା ଉପସ୍ଥିତ ରହି ବ୍ଲକ କରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନଙ୍କୁ ମୁକ୍ତ ବିଦ୍ୟାଳୟର ସୁବିଧାସୁଯୋଗ ପ୍ରବେଶ ପ୍ରକିୟା ଓ ପରୀକ୍ଷା ପ୍ରଣାଳୀ ଆଦି ବିଷୟରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଜେନାର ଏଡ଼ିସନ ପ୍ରକିୟା ଏବଂ ସହକାରୀ ଶିକ୍ଷକ ରାଜେଶ କୁମାର ଭୂୟାଁର ସରକାରୀ ସୁବିଧା ସୁଯୋଗ ବିଷୟରେ ସମସ୍ତ ଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୪ ରୁ ୧୮ ବୟସ ମଧ୍ୟରେ ୪୫ ଜଣ ଛାତ୍ର ଛାତ୍ରୀରେ ନାମଲେଖାଇ ଥିଲେ । ତା ସହିତ ୧୮ ବର୍ଷରୁ ଉର୍ଦ୍ଧ୍ୱ ୯ ଜଣ ଛାତ୍ର ଛାତ୍ରୀରେ ନାମ ଲେଖାଇଥିଲେ। ପରିଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାନସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୫/୧ (ନି.ପ୍ର): ବହୁ ଦିନ ଧରି ଫେରାର ରହିଥିବା ଦୁଇ ଅଭିଯୁକ୍ତଙ୍କୁ ଜୟପୁର ସଦରଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କୁମ୍ଭାରପୁଟ୍ ଗ୍ରାମର ଧନୁର୍ଯ୍ୟୟ କୁମ୍ଭାର(୨୫) ଗତ ୨୦୨୦ ମସିହରେ ଗୋଟିଏ ଅପରାଧିକ ମାମଲାରେ ସ ?ପୃକ୍ତ ଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ମୁଳାସର ଗ୍ରାମର ଗେ ?ରୀ ତନ୍ତି(୩୧) ଗତ ୨୦୨୪ ମସିହାରେ ଗଣ୍ଡଗୋଳ ମାମଲାରେ ସ ?ପୃକ୍ତ ଥିଲେ। ଗିରଫଦାରୀ ଏଡାଇବା ଲାଗି ସେହିଦିନ ଠାରୁ ଫେରାର ରହିଥିଲେ। ତେବେ ପୁଲିସ ସନ୍ଧାନ ଜାରି ରଖିଥିଲା ବେଳେ ଅଜି ଧରିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଉଦ୍‌ଘାଟିତ ହେଲା ଅଟ୍ରି ମକର ମହୋତ୍ସବ

ଖୋର୍ଦ୍ଧା, ୧୫/୧ (ନି.ପ୍ର): ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଏଗାର ତମ ବାର୍ଷିକ ମକର ମହୋତ୍ସବ ଆଜି ଉଦ୍ଘାଟିତ ହୋଇଯାଇଅଛି। ଏଥିରେ ମକର ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱର (ମଧ୍ୟ)ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମହାନ୍ତି ମୁଖ୍ୟବକ୍ତା, ମହୋତ୍ସବ କମିଟିର ଆବାହକ ତଥା ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ,ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ,ସମିତି ସଭ୍ୟ ନବନିତା ମହାନ୍ତି, ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର,ପୃଥ୍ୱୀରାଜ, ଚଳଚ୍ଚିତ୍ର ତାରକା ଦୁର୍ଗା ମାଧବ ପାତ୍ର ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ମୋନାଲି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ଅବଦାନ ରହିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଓଡ଼ିଶା ଆଦର୍ଶ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ସୁଧାକର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଆ କଣ୍ଠଶିଳ୍ପୀ ଅନନ୍ୟା, ହିଂମାଂଶୁ,ରକି ମଦର୍ଣ୍ଣ ଡ୍ୟାନସ ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ପରିସରରେ ଓରମାସ ପକ୍ଷରୁ ଷ୍ଟଲ୍, କୃଷି ଓ ଉଦ୍ୟାନ କୃଷି ବିଭାଗ,ଶିକ୍ଷା ବିଭାଗ , ମୃତ୍ତିକା ସଂରକ୍ଷଣ ବିଭାଗ ଷ୍ଟଲ୍ ସହ ବରଗଡ଼ ଜିଲ୍ଲାର କଳାକାର ମାନଙ୍କ ଦ୍ୱାରା ସେଲଫି ଜୋନ,ଅଗ୍ନି ନିର୍ବାପକ ଓ ପୁଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ସେବା ଯୋଗାଇ ଦିଆଯିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଅଛି ।ଏହି ପଞ୍ଚ ଦିବସୀୟ ହଟକେଶ୍ୱର ଅଟ୍ରି ମହୋତ୍ସବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସ୍ୱତନ୍ତ୍ର ଚଢ଼ାଉ...

ଏହା ସହିତ ୨୬ଟି ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ଜବତ ସାମଗ୍ରୀ ମଧ୍ୟରେ ୧୭,୭୬୨ ଲିଟର ବେଆଇନ ମଦ ଓ ୧,୦୩୨ ଲିଟର ଡ୍ୟୁଟି ପେଡ୍ ଲିକର ରହିଛି । ଏହା ସହ ୧,୮୧,୩୦୬ ଲିଟର ମହୁଲି ପୋଚ, ୨୬,୭୦୦ କିଲୋଗ୍ରାମ ଗୁଡ଼ ପୋଚ ଏବଂ ୧,୦୦୦ କିଲୋଗ୍ରାମ ମହୁଲି ଫୁଲ ମଧ୍ୟ ଜବତ କରାଯାଇଛି । ନିଷିଦ୍ଧ ନିଶା ଦ୍ରବ୍ୟ ମଧ୍ୟରେ ୩୯୨ କିଲୋଗ୍ରାମ ଗଞ୍ଜେଇ, ୬୩୯ ଗ୍ରାମ ବ୍ରାଉନ୍ ସୁଗାର ଓ ୧୬.୧ ଲିଟର କଫ୍ ସିରପ ଜବତ ହୋଇଛି । ଏଠାରେ ସୂଚନା ଯୋଗ୍ୟକି ଅବୈଧ ମଦ ଉତ୍ପାଦନ ନେଟୱାର୍କକୁ ସମ୍ପୂର୍ଣ୍ଣ ଭାଙ୍ଗିବା ଓ ମାଦକ ଦ୍ରବ୍ୟ ଚୋରାଚାଲାଣକୁ ରୋକିବା ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ମୁଖ୍ୟ ଉଦେଶ୍ୟ ।

### ଏକଜିଟ ପୋଲ: ମୁମ୍ବାଇର...

ଇଣ୍ଡିଆ କହିଛି ଯେ ଏହି ମେଣ୍ଟ କେବଳ ୫୮ରୁ ୬୮ଟି ଆସନ ଜିତି ପାରିବେ। ଜେଭିସି ଏକଜିଟ ପୋଲରେ ଠାକରେ ବ୍ରଦର୍ସ ୫୯ଟି ଆସନ ପାଇବେ ବୋଲି ଆକଳନ କରାଯାଇଛି। ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରକାଶ ଆମ୍ବେଦକରଙ୍କ ସହ ମେଣ୍ଟ କରିଥିଲା। ହେଲେ ଏହି ମେଣ୍ଟ କେବଳ ୧୨ରୁ ୧୬ଟି ଆସନ ଜିତି ପାରିବେ ବୋଲି ଜେଭିସି କହିଛି। ଆକ୍ସସ ମାଇଁ ଇଣ୍ଡିଆ ଏହି ମେଣ୍ଟକୁ ୧୪ଟି ଆସନ ଓ ଅନ୍ୟାନ୍ୟ ଦଳକୁ ୯ଟି ଆସନ ଦେଇଛି। ୧୯୯୨-୧୯୯୬ରୁ ଛାଡ଼ି ୧୯୮୫ରୁ ଅବିଭକ୍ତ ଶିବସେନା ବିଏମସିକୁ ଦଖଲ କରିଚାଲିଥିଲା। ହେଲେ ଏଥର ବିଏମସି ଉଦ୍ଧବ ଠାକେରଙ୍କ ହାତରୁ ଖସିଯିବାର ଆଶଙ୍କା ପ୍ରକାଶ ପାଇଛି। ବିଏମସିର ୨୨୭ ୱାର୍ଡରୁ ବିଜେପି ୧୩୭ଟି ଓ ଶିବସେନା ୯୦ଟିରେ ପ୍ରାର୍ଥୀ ଦେଇଥିଲା। ମାହାୟୁତିରେ ଅଜିତ ପାୱାରଙ୍କ ଏନସିପି ରହିଥିଲେ ହେଁ ଏକାକୀ ମହାନଗର ନିଗମ ନିର୍ବାଚନ ଲଢ଼ିଥିଲା। କଂଗ୍ରେସ ବିରୋଧୀ ମେଣ୍ଟରେ ଥିଲେ ବି ଏକାକୀ ଅଧିକାଂଶ ସିଟରେ ପ୍ରାର୍ଥୀ ଦେଇଥିଲା।

### ପାନୀୟ ଜଳ ପ୍ରକଳ୍ପ କାମ...

ତାକୁ ଗୁରୁତ୍ୱ ଦେବେ। ଗ୍ରାଉଣ୍ଡରୁ ଆସୁଥିବା ଚିତ୍ର ମଧ୍ୟ ଚିନ୍ତାଜନକ। ପାଣି ଭଳି ଖର୍ଚ୍ଚ ହେଲା ଟଙ୍କା କିନ୍ତୁ ଟ୍ୟାପରେ ପହଞ୍ଚିଲାନି ପାଣି। ଭଦ୍ରକ ବାସୁଦେବପୁର ବିନାୟକପୁର ପଞ୍ଚାୟତର ସ୍ଥିତି ସଙ୍ଗୀନ। ଏଠାରେ ବଡ ବଡ ପାଣି ଟାଙ୍କି ବସିଛି। କିନ୍ତୁ ପାଣି ପମ୍ପ ଘରେ ତାଲା। କେଉଁଠି ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗିବା ଆରମ୍ଭ କଲାଣି ତ କେଉଁଠି ଗଛଲତା ମାଡି ଗଲାଣି। ସେମିତି ଗଞ୍ଜାମ ଦିଗପହଣ୍ଡିର ୨୫ଟି ଏବଂ ସାନଖେମୁଣ୍ଡିର ୮ ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇପ ପଡିଛି। ହେଲେ ବର୍ଷ ବର୍ଷ ଧରି କାମ ସରୁନି। ସମସ୍ୟା ସାଜିଛି ଘୋଡାହାଡ ଜଳଭଣ୍ଡାର ମଧ୍ୟରେ ୱାଟର ଟ୍ରିଟମେଣ୍ଟ ପ୍ଲାନ। ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୬ଟି ପ୍ରକଳ୍ପ ସରିଥିବା ବେଳେ, ୧୮୧ ଟି ନିର୍ମାଣାଧୀନ ରହିଛି। ୧୩୪ଟି ପ୍ରକଳ୍ପ ୫୦ ପ୍ରତିଶତ କାମ ସରିଛି।

### ମମତା ବାନାର୍ଜୀ ସରକାରଙ୍କୁ ...

FIR କୁ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏହା ସହିତ ତଦନ୍ତରେ 'ବାଧା' ସୃଷ୍ଟି କରିବା ଅଭିଯୋଗରେ ଇଡି ର ଆବେଦନ ଉପରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଉଏଚ ରାଜୀବ କୁମାର ଏବଂ ଅନ୍ୟମାନଙ୍କ ନିକଟକୁ ନୋଟିସ୍ ଜାରି କରିଛନ୍ତି। ବିଚାରପତି ପ୍ରଶାନ୍ତ ମିଶ୍ର ଏବଂ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ବେଙ୍ଗଲ ଡିଜିପି ରାଜୀବ କୁମାର ଏବଂ କୋଲକାତା ପୋଲିସ କମିସନର ମନୋଜ କୁମାର ବର୍ମାଙ୍କୁ ନିଲମ୍ବନ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିର ଆବେଦନ ଉପରେ ଗୃହ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ, ମମତା ବାନାର୍ଜୀ ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କଠାରୁ ଜବାବ ମାଗିଛନ୍ତି।

# ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡ. ରାଧାରଂଜନ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ 'ଲୁଇପା ସମ୍ମାନ' ପ୍ରଦାନ



ବାଲେଶ୍ୱର, ୧୫/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ଥିତ ରାଡ୍ରୋ ଲୁଇପାଙ୍କ ସିଦ୍ଧପୀଠରେ ଆୟୋଜିତ ରାଜ୍ୟ ସ୍ତରୀୟ ମକର ମେଳା ଓ ସମ୍ବର୍ଦ୍ଧନା ପର୍ବ ଚିନ୍ତାମଣି ସ୍ମୃତି ପରିଷଦର ଉପଦେଷ୍ଟା ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୁଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଇ ଉତ୍ସବରେ ଉଦ୍ଘାଟକ ଭାବେ ମାନ୍ୟବର ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦାନ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଡ. ରାଧାରଂଜନ ପଟ୍ଟନାୟକ ଯୋଗ ଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ମାନନୀୟା ମମତା ମହନ୍ତ, ଉଦଳା ଏନ. ଏସ. ସିଚେୟାରମ୍ୟାନ କବୀ ପ୍ରମୀଳା ପଣ୍ଡା, ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବୁଗୁଡାଇ, ସାହିତ୍ୟିକ ଶରତ ଚନ୍ଦ୍ର ପ୍ରଧାନ, କବୀ ଶ୍ରଦ୍ଧାଞ୍ଜଳି ରାୟ, ସ୍ୱପ୍ନଦ୍ୱୀପର ସମ୍ପାଦକ କାଳୀକିଙ୍କର ଦାସ, ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା ସଂଯୋଜନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଇ ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଂଜନ ପଟ୍ଟନାୟକଙ୍କୁ ରାଜ୍ୟ ସ୍ତରୀୟ ଲୁଇପା ସମ୍ମାନ ପ୍ରଦାନ କରାଯାଇଥିଲା। ଏଇ ଭବ୍ୟ ଉତ୍ସବରେ ବଣ ପାହାଡ଼ ଘେରା ମୂଳକରୁ ଶହଶହ ଲୁଇପା ପ୍ରେମୀ ଉପସ୍ଥିତ ଥିଲେ । ସଂସ୍କୃତି ଓ ସଭ୍ୟତାର ଏହା ଏକ ମିଳନ ପୀଠ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।

## ସାମୁହିକ ରାଷ୍ଟ୍ରୀୟ ଗୀତ ଗାନ ଓ ଶପଥ ଗ୍ରହଣ

ନୂଆପଡା, ୧୫/୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବାବେବିର ପଂଚାୟତ ହାଇସ୍କୁଲ ଠାରେ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ବିଶିଷ୍ଟ ଅତିଥିଙ୍କ ଗହଣରେ ଆଜି ସାମୁହିକ ରାଷ୍ଟ୍ରୀୟ ଗୀତ (ବନ୍ଦେ ମାତରଂ) ଗାନ ଓ ଶପଥ ଗ୍ରହଣ କରାଯାଇଥିଲା କ୍ଷ ତାସହିତ ବାର୍ଷିକ କ୍ରୀଡ଼ା ୨୦୨୬ ବହୁ ଆଡମ୍ବରରେ ପାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସଭାପତି ହେରମସିଂ ପୁଝାରୀ, ଭାରପ୍ରାପ୍ତ ସରପଂଚ ଯୋଗେଶ୍ୱର ପାଣ୍ଡେ, ପଂଚମ ହଂସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦିପ କୁମାର ପତି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମ ଚାରି ଉପସ୍ଥିତ ଥିଲେ। ଶେଷରେ ବିଜୟୀ ଛାତ୍ରୀଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ନୀଳମଣି କଲେଜରେ ସାହିତ୍ୟ ସ୍ୱାକ୍ଷର ଫକୀର ମୋହନ ଶୀର୍ଷକ ଆଲୋଚନାଚକ୍ର




ବାଲେଶ୍ୱର , ୧୫/୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୮୪ତମ ବ୍ୟାସକବି ଫକୀର ମୋହନ ଜୟନ୍ତୀ ପାଳନ ଅବସରରେ ସାହିତ୍ୟ ସ୍ୱାକ୍ଷର ଫକୀର ମୋହନ ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରା ଅଧକ୍ଷତା କରିବା ସହ ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ବୀଣାପାଣି ଗିରି ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ସିଣ୍ଡିକେଟ ବ୍ୟାଙ୍କ୍ ମ୍ୟାନେଜର କୃଷ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବରେ କୁଆମରାସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀହରିଶଙ୍କର ପାଣିଗ୍ରାହୀ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧ୍ୟାପକ ତଥା ପ୍ରକୃତିମିତ୍ର ପ୍ରେମାନନ୍ଦ ସେଠୀ, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଓ ପ୍ରକୃତିବନ୍ଧୁ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ଫକୀର ମୋହନଙ୍କ ରଚିତ ଉପନ୍ୟାସ ସମୂହ ବିଷୟରେ ଆଲୋଚନା କରିଥିଲେ । କଥା ସମ୍ରାଟ ଫକୀର ମୋହନ ଜଣେ ଦକ୍ଷ ପ୍ରଶାସକ ଭାବେ ଜୀବନକୁ ଯେପରି ବିଶ୍ଳେଷଣ କରିଥିଲେ, ଠିକ୍ ସେହିପରି ଜୀବନକୁ ସତ୍ୟ, ସାହସିକ ଓ କଳାତ୍ମକ ଭାବେ ଉପସ୍ଥାପନ କରିଥିଲେ ବୋଲି; ଏହି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ୱେଚ୍ଛାସେବୀ ବିଶ୍ୱଜିତା ବେହେରା, ଅର୍ଚ୍ଚନା ନାୟକ, ଯଶ ମାଝୀ, ସୁଭଦ୍ରା ମାରାଣ୍ଡି, ରୀମା ଦାସ, ରିଙ୍କି ମାଇତି ଓ ପ୍ରିୟବ୍ରତ ମୁର୍ମୁ ବ୍ୟାସକବି ଫକୀର ମୋହନଙ୍କ ବିରଚିତ କବିତା ସମୂହ ପାଠ କରିଥିଲେ । ଜୁଲି ମହାକୁଡ୍, ତନୁଶ୍ରୀ ପଟ୍ଟାୟତ, କାନ୍ଦନ ମୁର୍ମୁ ଓ ସେବତୀ ବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସ୍ୱେଚ୍ଛାସେବୀ ସୋହମ୍ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ବାରାପୁରରେ ମହାବୀର କ୍ଲବ ପକ୍ଷରୁ ମକର ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର, ୧୫/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ପଞ୍ଚାୟତର ବାରାପୁର ଷ୍ଟାଡିୟମରେ ମହାବୀର କ୍ଲବ ପକ୍ଷରୁ ବାରାପୁର ମକର ମହୋତ୍ସବ ମହା ସମାରୋହରେ ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ଧାମ ନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ, ଉଇଜଡମ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଞ୍ଜିନିୟର ନନ୍ଦ ଦୁଲାଲ ଘଡ଼େଇ,ଆର୍ଡୁଙ୍ଗ ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ସମିତି ସଭ୍ୟ ବୁଲୁ ବିନ୍ଧାଣି ପ୍ରମୁଖ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ ଏବଂ କଳା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଚଳଚିତ୍ର ଜଗତର ଓ ସିରିଏଲ ଜଗତର କଳାକାର କେ କେ, ସାପଲିନ ପ୍ରମୁଖ ଯୋଗ ଦେଇ ଖୁବ୍ ମନଛୁଆଁ ସଂଳାପ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅମୀୟ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଉତ୍ସବରେ ଶହ ଶହ ଦୋକାନ ବଜାର ଯୋଗ ଦେଇଥିଲେ ଏବଂ ହଜାର ହଜାର ଦର୍ଶକ ଏହି ଆକର୍ଷଣୀୟ ମହୋତ୍ସବରେ ମନ୍ତ୍ର ମୁଗ୍ଧ ହୋଇ ଥିଲେ। ଏହି ମହୋତ୍ସବ ଶୁକ୍ରବାର ଉଦଯାପିତ ହେବ। ମହାବୀର କ୍ଲବର ସମସ୍ତ ସଦସ୍ୟ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ମକର ସଂକ୍ରାନ୍ତି ଓ ଗଙ୍ଗାମାତା ପୂଜା ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଜମ୍ବୀରାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାଉଳତି ଗ୍ରାମରେ ମକର ସଂକ୍ରାନ୍ତି ପର୍ବ ଓ ଗଙ୍ଗା ମାତାଙ୍କର ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମକୁ ଗଙ୍ଗ ।ମାତା ପୂଜା କମିଟିର ସଭାପତି ଭଗିରଥ ମଣ୍ଡଳ ଓ ସମ୍ପାଦକ ମାଧବ ମଣ୍ଡଳ ପରିଚାଳନା କରିଥିବାବେଳେ ଶ୍ରୀପତି କାମିଲା, ରବିନ୍ଦ୍ ମହାନ୍ତି, କାହ୍ନୁ ଚରଣ ସେଠୀ, ତପନ କରଣ, ବିଷ୍ଣୁପଦ ଗିରି, ଗୁନାଧର ପ୍ରଧାନ, ସନାତନ ମଣ୍ଡଳ ଓ ଅନ୍ୟ ସମସ୍ତ ସଭ୍ୟମାନଙ୍କ ସାହାଯ୍ୟ ଓ ସହଯୋଗ ଦ୍ୱାରା ସମ୍ପାଦନ କରାଯାଇଛି।

# ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ ତମ ବାର୍ଷିକ ଉତ୍ସବ




ବସ୍ତା , ୧୫/୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ହଳଦିପଦା ସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଚଳିତ ବର୍ଷ ତାର ୩୨ ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନିତ ଅତିଥି ସଦର ବି ଡି ଓ ଉତ୍ତମ କୁମାର ଜେନା,ମୁଖ୍ୟବକ୍ତା ବିଶିଷ୍ଟ କବି ସର୍ବେଶ୍ୱର ଦାସ,ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମାଜ ସେବୀ ଦିଲ୍ଲୀପ ସାହୁ,ରାଇସୁଆଁ ସରପଞ୍ଚ ଅଜିତ କୁମାର ମହାପାତ୍ର,ହଳଦୀପଦା ସରପଞ୍ଚ ବରେନ୍ଦ୍ର ସେଠି ଯୋଗ ଦେଇ ଓଡ଼ିଆ ଭାଷାର ଜନକ ବ୍ୟାସକବି ଫକୀରମୋହନଙ୍କ ସେନାପତିଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ସମସ୍ତ ଅତିଥି ଙ୍କ ଦ୍ୱାରା ୨୦୨୬ ବର୍ଷ ବିଶିଷ୍ଟ ସମାଜ ସେବୀ ଡ. ଭାସ୍କର ଜେନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ କବି ସର୍ବେଶ୍ୱର ସାହୁଙ୍କ ଦ୍ୱାରା ସଂଗୃହିତ ପୂର୍ବ ବାଲେଶ୍ୱର,ମଧ୍ୟ ବାଲେଶ୍ୱର ଓ ବର୍ତ୍ତମାନ ବାଲେଶ୍ୱରର ବିଭିନ୍ନ ଶିକ୍ଷା ଅନୁଷ୍ଠାନ,ବଡ ବ୍ରିଜ, ସରକାରୀ ଅଫିସ ଭଳି ବିଭିନ୍ନ ସ୍ଥାନର ଫୋଟ ଚିତ୍ର ପ୍ରଦଶନି କରିଥିଲେ। ଉକ୍ତ କାର୍ଯ୍ୟ କ୍ରମରେ ଆଦିତ୍ୟ ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସଭାପତି ମହେନ୍ଦ୍ର ସାହୁ,ଭରତ ବାରିକ, ନିତ୍ୟାନନ୍ଦ ସାହୁ, ସାଗର ସାହୁ,ରୁଦ୍ର ଜେନା, ସନ୍ତୋଷ ସାହୁ, ଶୁଭଙ୍କର ସାହୁ, ଶଶିକାନ୍ତ ସାହୁ,ଅମିତାଭ ସାହୁ,ଅଜୟ ଜେନା,ପ୍ରବୀଣ ସାହୁ,ତପନ ସାହୁ,ଅଶୋକ କୁମାର ସାହୁ,କାହ୍ନୁ ଚରଣ ସାହୁ,ମୋନାଲିସା ସାହୁ ଓ ସୁମତି ସାହୁ ପ୍ରମୁଖ ସହୋଜୋଗ କରିଥିଲେ।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ଉତ୍କଳ ସମ୍ମିଳନୀର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ




ବାଲେଶ୍ୱର, ୧୫/୧ (ନି.ପ୍ର): ସଙ୍କ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପୁଣ୍ୟ ଜୟନ୍ତୀରେ ତାଙ୍କ ଜନ୍ମସ୍ଥାନ ଶାନ୍ତିକାନନ ପରିସରରେ ତାଙ୍କ ଜୀବଦ୍ଦଶାରେ ନିଜେ ନିର୍ମାଣ କରିଥିବା ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରାଯାଇଛି। ଓଡ଼ିଆ ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ୧୯୦୩ ରେ ଗଠିତ ଉତ୍କଳ ସମ୍ମିଳନୀର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା। ବିଭିନ୍ନ ସମୟରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ପୌରୋହିତ୍ୟ କରିଥିଲେ। ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଆ ସାହିତ୍ୟର ସେ କାଳଜୟୀ ସ୍ରଷ୍ଟା। ତାଙ୍କ ଅବଦାନ ସମସ୍ତ ଉତ୍କଳୀୟଙ୍କ ପାଇଁ ଚିର ସ୍ମରଣୀୟ। ସେହି ପୁଣ୍ୟାତ୍ମାଙ୍କ ଜୟନ୍ତୀରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ସମ୍ପାଦକ କ୍ଷ୍ମି ଡକ୍ଟର କାଳୀପଦ ପଣ୍ଡା ମାଲ୍ୟାର୍ପଣ କରି ତାଙ୍କର ଓଡ଼ିଆ ଜାତୀୟ ଜୀବନ ପ୍ରତି ଥିବା ଅବଦାନର ସ୍ମୃତି ଚାରଣ କରିଥିବାବେଳେ ସମ୍ମିଳନୀର ଆଜୀବନ ସଦସ୍ୟ ଅନସୂୟା ନାୟକ, ସୁଧାକର ସେଠୀ, ରତ୍ନାକର ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ,ସୃଷ୍ଟିଧର ପରିଡା, କଲ୍ୟାଣୀ ନନ୍ଦ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ରାଜେଶ ଗିରିଙ୍କ ସମେତ ଉପେନ୍ଦ୍ର ନାଥ ପାତ୍ର, ବିଜନ କୁମାର ଦେ, ଡକ୍ଟର ରତ୍ନାକର ସିଂହ, ପ୍ରଶାନ୍ତ କୁମାର ମହାନ୍ତି,ଉଦୟ ନାରାୟଣ ଦାସ, ଗୋପୀ କୃଷ୍ଣ ମହାନ୍ତି, ନିରଞ୍ଜନ ପ୍ରସାଦ ବାରିକ,ପ୍ରଫେସର ଦେବାଶିଷ ପାତ୍ର, ତାନଶ୍ରୀ ପାଣିଗ୍ରାହୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦେଇ ପୁଷ୍ପାଞ୍ଜଳି ଦେଇ ସ୍ମୃତି ଚାରଣ କରିଥିଲେ।

## ଓଡ଼ିଶାରେ ନିପା ଭାଇରସ୍ ରୋଗୀ ଚିହ୍ନଟ ହୋଇନାହାନ୍ତି

ଭୁବନେଶ୍ୱର, ୧୫/୧ (ନି.ପ୍ର): ପଶ୍ଚିମବଙ୍ଗରେ ନିପା ଭାଇରସରେ ୨ ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ସେ କହିଛନ୍ତି କେନ୍ଦ୍ର ଏ ଯାଏଁ ନିର୍ଦ୍ଦେଶନାମା ଜାରି କରିନି । ଯାହା ୨୦୨୩ରେ ମାର୍ଗଦର୍ଶିକା ଆସିଥିଲା, ତାହା ପାଳନ କରାଯାଉ। କେନ୍ଦ୍ର ନିର୍ଦ୍ଦେଶ ନ ଦେବା ଯାଏଁ ଓଡ଼ିଶାରେ କୌଣସି ଅସୁବିଧା ହେବ ନାହିଁ। ଭାରତ ସରକାରଙ୍କ ଟିମ୍ ପଶ୍ଚିମବଙ୍ଗ ଯାଇ କାମ କରୁଛନ୍ତି। ଓଡ଼ିଶାରେ ନିପା ଭାଇରସ୍ ରୋଗୀ ଚିହ୍ନଟ ହୋଇନାହାନ୍ତି। ଓଡ଼ିଶାକୁ ଏଯାଏଁ ବ୍ୟାପିନି, ତେଣୁ ଓଡ଼ିଶାବାସୀ ଭୟ କରିବା ଦରକାର ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।


C-2107

OFFICE OF THE
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 79　Date: 12-01-2026

INVITATION FOR BIDS
(Through E-Procurement)
Tender Reference No .BPDM 3/2026-27
Tender ID No.

The Executive Officer, **Baripada Municipality**, Baripada invites **percentage rate** bids in double cover system through **e-procurement** in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

1. Name of the work : As per DTCN
2. No of works put to tender : 6 No's civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From **1.00 P.M. of Dt.19 .01.2026** to **5.00 P.M of Dt.06.02.2026**
6. Mode of deposit towards cost of Bid document & EMD : Online
7. Date and time of opening of technical bid: **11.00 A.M. and onwards of Dt.07 .02.2026**
8. Name and address of the Officer Inviting Bid : Executive Officer, Baripada Municipality, Baripada.

Further details can be seen from the e-procurement portal "https://tendersorissa.gov.in"

Executive Officer
Baripada Municipality

ଶୁକ୍ରବାର, ୧୬ ଜାନୁଆରୀ ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାୟାରାମଚନ୍ଦ୍ରପୁର ନ୍ୟୁ ଷ୍ଟାର କ୍ଲବ୍ ପକ୍ଷରୁ ୧୫ ତମ ଭଲି ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ଜଳେଶ୍ୱର , ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ୧୫ ତମ ଭଲି ବୋଲ ଟୁର୍ଣ୍ଣାମେଣ୍ଟେ ଆୟୋଜିତ ହୋଇ ଯାଇଛି ଅଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ୍, ମୁଖ୍ୟ ବ୍ୟକ୍ତା ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ବାଲେଶ୍ୱର ଜିଲ୍ଲା ପରିଷଦ ଉପାଦକ୍ଷା ଅନୁସୟା ପ୍ରଧାନ, ଗୌରବ ଦାସ, ଗୌତମ ପାତ୍ର, ମଧୁସୂଦନ ସେନାପତି , ବିନୋଦ ବିହାରୀ ପାଳ, ରବିନ୍ଦ୍ର ସାହୁ, ରଘୁନାଥ ପ୍ରାମାଣିକ, ସୁରେନ୍ଦ୍ର ମହାରଣା, କ୍ଲବ୍ ସଭାପତି ଅଭିମନ୍ୟୁ ସାହୁ, ଉପସଭାପତି ବିଶ୍ୱଜିତ୍ ମହାନା, ସମ୍ପାଦକ ଶିବଶଙ୍କର ଦାସ, ଅଙ୍କିତ ପରିଡ଼ା, ସତ୍ୟରଞ୍ଜନ ନନ୍ଦ, ଅଜିତ୍ ମାହାନା ଗୋପିକିସନ ରାଉତ୍ ଭବଶଙ୍କର ମଣ୍ଡଳ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସମସ୍ତ ଖେଳାଇ ମାନଙ୍କୁ ଉତ୍ସାହିତ କରିଥିଲେ ଓ ସେଥି ମଧ୍ୟରୁ ହରିୟାଣା , ଭୁବନେଶ୍ୱର, ଭଦ୍ରକ, ଉତ୍ତର ପ୍ରଦେଶ ଫାଇନାଲ ବିଜେତା ଟିମ ମାନଙ୍କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯାଇଛି ।



## ଶ୍ରୀଧର ସ୍ୱାମୀ ଶାଖା ତରଫରୁ ମକର ସଂକ୍ରାନ୍ତି ପାଳିତ

ବାଲେଶ୍ୱର, ୧୫/୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଅବସରରେ ବାଲେଶ୍ୱର ସଦର ଶ୍ରୀଧର ସ୍ୱାମୀ ଶାଖା ତରଫରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମକର ସଂକ୍ରାନ୍ତିର ଉଦ୍ଦେଶ୍ୟ ଓ କାହିଁକି ପାଳନ କରାଯାଏ ଏ ସମ୍ପର୍କରେ ଏକ ଗଭୀର ତତ୍ତ୍ୱପୂର୍ଣ୍ଣ ଦର୍ଶନ ରଖିଥିଲେ ମୁଖ୍ୟବକ୍ତା ହେମନ୍ତ ଜେନା। ଏହି ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ ଯେ ମକର ସଂକ୍ରାନ୍ତି ହିନ୍ଦୁ ଧର୍ମର ଏକ ପବିତ୍ର ପର୍ବ। ଏହିଦିନ ମଣିଷ ସହ ମଣିଷକୁ ସଂଯୋଗ କରିଥାଏ ଏହି ପବିତ୍ର ଦିବସର ଭାବନା। ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିଥାଏ। ଏହି ଅବସରରେ ଜଳଧର ନାୟକ ଶାଖା କାର୍ଯ୍ୟବାହକ, ଶିବବ୍ରତ ମହାପାତ୍ର, ଧନଂଜୟ ଦଳପତି, ଜଗନ୍ନାଥ ହେମ୍ବ୍ରମ, ଜୀବନ ପାତ୍ର, ବିନୋଦ ମଲ୍ଲିକ, କଲ୍ଲୋଳ ରାୟ, ହେମନ୍ତ ମହାନ୍ତି, କମଳଲୋଚନ ନାୟକ ଓ ବିସ୍ମୟ ନାୟକ ପ୍ରମୁଖ ସ୍ୱୟଂସେବକମାନେ ଉପସ୍ଥିତ ରହି ଶାଖାର କାର୍ଯ୍ୟକ୍ରମକୁ ପରିଚାଳନା କରିଥାଏ।

## ନୀଳମାଧବ ପୀଠରେ ଦୁଇଦିବସୀୟ ମୁନି ମହୋତ୍ସବ ଉଦ୍‌ଯାପିତ

ନୀଳଗିରି , ୧୫/୧ (ନି.ପ୍ର): ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ମା'ଖରାଖାଇ ଠାକୁରାଣୀପଡିଆ ନିକଟସ୍ଥ ଦେବଗିରି ପାହାଡ ପଥରଗୁହାରେ ପ୍ରଭୁ ନୀଳମାଧବଙ୍କ ଆସ୍ଥାନ। କୋଡ଼ିଏବର୍ଷ ତଳେ ଉକ୍ତଅଞ୍ଚଳର ଜୈନିକ ଗ୍ରାମବାସୀଙ୍କୁ ସ୍ୱପ୍ନାଦେଶ ହୋଇ ପାହାଡ କୋରଡରେ ସ୍ୱୟଂ ନୀଳମାଧବ ଅବସ୍ଥାନ କରିଥିବା ସୂଚନା ଦେଇଥିଲେ। ପରେ ଏହି ପାହାଡ଼ ଉପରେ ସେବେଠୁଁ ପୂଜାର୍ଚ୍ଚନା କରାଯାଇ ଆସୁଥିବା ବେଳେ ସ୍ଥାନୀୟବାସିନ୍ଦାଙ୍କ ସହିତ ଆଖପାଖ ଅଞ୍ଚଳର ଲୋକ ପ୍ରଭୁ ନୀଳମାଧବଙ୍କ ଦର୍ଶନକରି



ଆସୁଛନ୍ତି।ପ୍ରତିବର୍ଷ ମକରସଂକ୍ରାନ୍ତି ଉପଲକ୍ଷେ ଏଠାରେ ମାଘମେଳା ବା ମୁନିମେଳା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ମକରସଂକ୍ରାନ୍ତି ଉପଲକ୍ଷେ ବୁଧବାର ଓ ଗୁରୁବାର ଦୁଇଦିନଧରି ମେଳା ଅନୁଷ୍ଠିତ ହୋଇଯାଇଛି। ହଜାରହଜାର ଦର୍ଶକ ମେଳାକୁ ଉପଭୋଗ କରିଥିବା ବେଳେ ଗୁରୁବାର ପ୍ରାୟ ଦୁଇହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିବା ଦେଖିବାକୁ ମିଳିଥିଲା। ଯୁବ ସମାଜସେବୀ ନୀଳମାଧବ ବାରିକଙ୍କ ଅକୁଣ୍ଠ ବଦାନ୍ୟତା ଏବଂ ସ୍ଥାନୀୟ ଅଂଚଳର ଲୋକଙ୍କ ସାହାଯ୍ୟରେ ଏହି ବିରାଟ ଆୟୋଜନ ହୋଇଆସୁଥିବାରୁ ଏହାକୁ ଲୋକାଭିମୁଖୀ କରିବାକୁ ସରକାରୀ ଅନୁଦାନର ଆବଶ୍ୟକତା ରହିଛିବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ନୀଳମାଧବ ବାରିକ, ଅର୍ଜୁନ ରାଉତ, ଦାମୋଦର ବାରିକ, ବିଜୟ କୁମାର ମିଶ୍ର, ବିଦ୍ୟାଧର ନାୟକ, ପୁରସ୍ତମ ବେହେରା, ବିଶ୍ୱରଂଜନ ସ, ଲକ୍ଷ୍ମଣ ସିଂ, ନୀଳକଣ୍ଠ ମହାପାତ୍ର, ଗୁରୁପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନୀଳଗିରିବାସୀଙ୍କ ସ୍ୱର୍ଗଦ୍ୱାରରେ ଶବସତ୍କାର ପାଇଁ ନିଃଶୁଳ୍କ ସେବା ଯୋଗାଇବ ହୋଟେଲ ସୂର୍ଯ୍ୟପଦ୍ମା

ନୀଳଗିରି, ୧୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବିଶେଷକରି ନୀଳଗିରିବାସୀଙ୍କ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁହେଲେ ପୁରୀ ସ୍ୱର୍ଗଦ୍ୱାରରେ ଶବସତ୍କାର କରିବାକୁ ଯାଇଥିବାଲୋକଙ୍କୁ ନିଃଶୁଳ୍କ ରହିବା, ସ୍ନାନ, ଶୌଚର ବ୍ୟବସ୍ଥା କରିଛି ହୋଟେଲ ସୂର୍ଯ୍ୟପଦ୍ମା। ନୀଳଗିରି ଜଡିଦାପଞ୍ଚାୟତ ଯୋକନୁଣ୍ଡା ଗ୍ରାମର ଉଚ୍ଚାକାଙ୍କ୍ଷୀ ଯୁବସମାଜସେବୀ ସଞ୍ଜୟ କୁମାର ଭୋଳଙ୍କ ପ୍ରଚେଷ୍ଟାରେ ପୁଣ୍ୟ ଜଗନ୍ନାଥଧାମ ପୁରୀ ସମୁଦ୍ରତଟ ଲାଇଟହାଉସ୍ ନିକଟରେ ହୋଟେଲ ସୂର୍ଯ୍ୟପଦ୍ମା ନାମରେ ଏକ ଅତ୍ୟାଧୁନିକ ହୋଟେଲ ନିର୍ମାଣକରି ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦେଉଥିବା ବେଳେ ନୀଳଗିରି ଅଞ୍ଚଳର ଲୋକଙ୍କପାଇଁ କିଛି କରିବାର ସ୍ୱପ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ଶେଷରେ ସେ ଆର୍ଥିକ ସାହାଯ୍ୟ କରିନପାରିଥିଲେ ହେଁ ନୀଳଗିରିବାସୀଙ୍କ ପରିବାରରେ କେହି ମୃତ୍ୟୁବରଣ କରି ପୁରୀ ସ୍ୱର୍ଗଦ୍ୱାରରେ ଶବସତ୍କାର କରିବାକୁ ଚାହୁଁଥିଲେ ପରିବାର ସହିତ ଆତ୍ମୀୟସ୍ୱଜନଙ୍କ ସ୍ନାନ, ଶୌଚ ଏବଂ ରହିବାରେ ଯେପରି ଅସୁବିଧାରେ ନପଡନ୍ତି ସେଥିପାଇଁ ହୋଟେଲର ସତ୍ତ୍ୱାଧିକାରି ସଞ୍ଜୟ କୁମାର ଭୋଳ ନୀଳଗିରିବାସୀଙ୍କୁ ଏହି ସୁବିଧା ଯୋଗାଇଦେବାକୁ ଅନୁଗ୍ରହ କରିଛନ୍ତି।

## ପ୍ରତି ଶନିବାର ହେବ ଭିତ୍ତିଭୂମି ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୫/୧ (ନି.ପ୍ର): ପ୍ରତି ଶନିବାର ହେବ ଭିତିଭୂମି ସମୀକ୍ଷା ବୈଠକ। ସଚିବ ମାନେ ଫିଲଡ୍ ଭିଜିଟ ବେଳେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଜେଟ ଖର୍ଚ୍ଚ ବଢ଼ାଇବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଦ୍ୱିତୀୟ ସଚିବ ସ୍ତରୀୟ ବୈଠକରେ ଏହି ନିଷ୍ପତି ହୋଇଛି। ଗୁରୁବାର ଦିନ ଖାରବେଳ ଭବନରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବଜେଟ ଖର୍ଚ୍ଚ, ରାଜସ୍ୱ ଆଦାୟ, ବିଭିନ୍ନ ଆଇନ ସଂଶୋଧନ ଏବଂ ପୂର୍ଣ୍ଣାଙ୍ଗ ବଜେଟ ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଦେଇଥିବା ୧୫ ସୂତ୍ରୀ କାର୍ଯ୍ୟକ୍ରମ ନେଇ ବିଭାଗ ଗୁଡିକ କଣ ପଦକ୍ଷେପ ନେଇଛନ୍ତି ସେ ନେଇ ସଚିବ ମାନଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ। ଏହା ସହ କ୍ଷେତ୍ର ପରିଦର୍ଶନ ବେଳେ ପାନୀୟ ଜଳ ମେଗା ବିଳମ୍ବିତ ହେଉଥିବାରୁ ତାକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବାକୁ ସଚିବ ମାନଙ୍କୁ ନିର୍ଦ୍ଦେଶ ହୋଇଛି। ସେହିପରି ପ୍ରତି ଶନିବାର ହେବ ଭିତି ଭୂମି ଉପରେ ସମୀକ୍ଷା ହେବ। ଚଳିତ ବଜେଟ ବର୍ତ୍ତମାନ ସୁଦ୍ଧା ୫୦ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଜାନୁଆରୀ ଶେଷ ସୁଦ୍ଧା ୬୦ ପ୍ରତିଶତ ବଜେଟ ଖର୍ଚ୍ଚ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହା ଆସନ୍ତା ପୂର୍ଣ୍ଣାଙ୍ଗ ବଜେଟ ଉପରେ ବିଭାଗ ଗୁଡିକ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ରାଜସ୍ୱ ଆଦାୟ କେମିତି ବୃଦ୍ଧି ହେବ ସେ ନେଇ ପଦକ୍ଷେପ ନେବାକୁ କୁହାଯାଇଛି।

## ୬୫ ବର୍ଷ ବୟସ୍କ ବିଧବା ମା'ଙ୍କ ଦୁଃଖ କାହାଣୀ

### ମିଳୁନାହିଁ ଚାଉଳ, ଭତ୍ତା ପାଇଁ ଯିବାକୁ ପଡୁଛି ୨୦ କିମି

ଉଦଳା , ୧୫/୧ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକ ଅଂଚଳରେ ବସବାସ କରୁଥିବା ବିଧବା ମା' ମୀନା ଦେହୁରିଙ୍କ ଦୁଃଖ କାହାଣୀ। ସ୍ୱାମୀ ବୈକୁଣ୍ଠ ଦେହୁରିଙ୍କର ଆଜକୁ ୧୦ ବର୍ଷ ପୁର୍ବେ ଦେହାନ୍ତ ହୋଇଯିବା ପରେ 'ମୀନା' ତାଙ୍କର ଏକମାତ୍ର ପୁତ୍ର 'ବିପିନ୍'ଙ୍କୁ ସାଙ୍ଗରେ ନେଇ ଦିନମଜୁରିଆ ଭାବରେ କାମକରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । 'ମୀନା'ଙ୍କୁ ବର୍ତମାନ ବୟସ ୬୫ ବର୍ଷ ଛୁଇଁଥିବା ବେଳେ ପୁତ୍ର 'ବିପିନ୍'ଙ୍କୁ ବୟସ ୪୦ ବର୍ଷ



ଛୁଇଁଲା । ଉଭୟ ମା' ଓ ପୁଅଙ୍କର ଆଧାର କାର୍ଡ଼ ରହିଛି, କିନ୍ତୁ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ଉଭୟ ବଂଚିତ ଅଛନ୍ତି । ବର୍ତମାନ ଏ ଦୁହେଁ ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ଡ଼ିହିରାକୁଳ ଗ୍ରାମରେ ଥିବା ହୁଡ଼ିସାହି ଠାରେ ବସବାସ କରୁଛନ୍ତି । ପୁତ୍ର 'ବିପିନ' ମଧ୍ୟ କୌଣସି କାମଧନ୍ଦା ନପାଇ ବେକାର ଜୀବନ ବିତାଉଛନ୍ତି । 'ମୀନା'ଙ୍କ କହିବାଅନୁସାରେ ତାଙ୍କର ଆଧାର କାର୍ଡ଼ରେ ଖଳାଡ଼ି ପଂଚାୟତ ଓ ରାଇଦାଣ୍ଡିଆ ଗ୍ରାମର ଠିକଣା ରହିଛି । ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ତାଙ୍କୁ ଖଳାଡ଼ି ପଂଚାୟତରୁ ପ୍ରଦାନ କରାଯାଉଛି । ଏଥିପାଇଁ ତାଙ୍କୁ ପ୍ରତିମାସ ୨୦ କିମି ରାସ୍ତା ଯିବାକୁ ପଡୁଛି । ପୁର୍ବରୁ ସେ ରାଇଦାଣ୍ଡିଆ ଗ୍ରାମରେ ରହୁଥିଲେ । ସ୍ୱାମୀଙ୍କୁ ଦେହାନ୍ତ ପରେ ଏଠାରେ କୌଣସି କାମଧନ୍ଦା ନମିଳିବାରୁ ସେ ଡ଼ିହିରାକୁଳ ପଳାଇ ଆସିଥିବାର ଜଣାଇଛନ୍ତି । ତେବେ ତାଙ୍କୁ ମିଳୁଥିବା ଭତା ରାଢ଼ୋ ପଂଚାୟତରେ ପ୍ରଦାନ କରାଯାଉ ବୋଲି ସେ ଅନୁରୋଧ ଜଣାଇଛନ୍ତି। ସେହିପରି ଉକ୍ତ ମା' ଓ ପୁଅଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ତୁରନ୍ତ ମୁଣ୍ଡପିଛା ୫କିଗ୍ରା ଚାଉଳ ଯୋଗାଇ ଦେବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି ।

## କାଳି ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା



ବାଲିଆପାଳ , ୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ କାଳି ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାନାଥ ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ଦେ,ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ଼ଃ ଦୟାନିଧି ସାହୁ,ସମ୍ମାନିତ ବକ୍ତା ଭାବେ କବି ସୁକୁମାର ଦାସ, ଶିକ୍ଷାବିତ୍ ନାରାୟଣ ପ୍ରସାଦ ସାହୁ, ରାଷ୍ଟ୍ରପତି ପୁରସ୍କୃତ ଅବସର ପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ, ସି.ଆର.ସି.ସି. ପାର୍ଥ ସାରଥୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ବାର୍ଷିକ କ୍ରୀଡା, ବିଭିନ୍ନ ଶୈକ୍ଷିକ ଓ ସହ ଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଯୁଗଳ କିଶୋର ପାତ୍ର, ଜୟନାରାୟଣ ଜେନା, ଶିକ୍ଷୟତ୍ରୀ -ନମିତା ବାରିକ, ସସ୍ମିତା ଜେନା, ସବିତା ସାହୁ, ଆଶାଲତା ପାଣି, ଜୟନ୍ତି ପ୍ରଧାନ, ମାଧବାନନ୍ଦ ବେହେରା, ଅର୍ପିତା ରାଉତ, ଅଣଶିକ୍ଷକ-ରାଜକୁମାର ଦାସ, ଭରତ ସାହୁ, ରୋହିତ ପରିଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଶେଷରେ ଖେଳ ଶିକ୍ଷୟିତ୍ରୀ ଅର୍ପିତା ରାଉତଙ୍କ ସଂଚାଳନାରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ, ୧୫/୧ (ନି.ପ୍ର): ଆମ ମାତୃଭାଷା ପରିଷଦର "ମକର ସଂକ୍ରାନ୍ତି ଆସର" ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ବୟୋଜ୍ୟୋଷ୍ଠ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦଘାଟନ କରିଥିଲେ। "ଓଡ଼ିଆ କ୍ଷୁଦ୍ରଶିଳ୍ପରେ ବ୍ୟାସକବି ଫକୀରମୋହନ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଓ ସାହିତ୍ୟ ଆକାଡେମୀ ପୁରସ୍କୃତ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୟାଧର ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଶାନ୍ତନୁ କୁମାର ରାଉତ, ବିଶିଷ୍ଟ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ଅତିଥି ବିଶିଷ୍ଟ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଧ୍ୟାପିକା ଭାନୁମତୀ ମାଟିଆ, ବିପ୍ଳବୀ କବି ମୁକୁନ୍ଦ




ଦେବ ନାୟକ, ରମେଶ ଚନ୍ଦ୍ର ଦାସ, ବାବୁଲାଲ ଦାସ, ପୂର୍ବତନ ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ସଙ୍ଗୀତ ନାଟକ ଆକାଡେମୀ ପୁରସ୍କାର ପ୍ରାପ୍ତ ଗୌରାଙ୍ଗ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବ୍ୟାସକବି ଫକୀରମୋହନ ଜଣେ ଦକ୍ଷ ବୁଦ୍ଧିମତ୍ତା ଯୁକ୍ତ ସାମାଜିକ କ୍ଷୁଦ୍ରଗାଳ୍ପିକ ଥିଲେ, ତାଙ୍କର ଶେଷ ଜୀବନ ଦାରିଦ୍ର୍ୟତା ମଧ୍ୟରେ କଟିଥିଲେ ମଧ ଜୀବନର ଶେଷ ପର୍ଯ୍ୟନ୍ତ ମାତୃଭାଷା ଓ ମାତୃଭୂମିର ଉତଥାନ୍ ପାଇଁ ତାଙ୍କର ଅଧ୍ୟବସାୟ ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ଜାନକୀ ପାଢୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ମକର ସଂକ୍ରାନ୍ତି କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ନାୟକ, ମାନସ ରଞ୍ଜନ ପଣ୍ଡା, ଉପେନ୍ଦ୍ର କୁମାର ବାରିକ, ଡା. ଚିତ୍ତରଞ୍ଜନ ମହାପାତ୍ର, ମହେନ୍ଦ୍ର ଓଝା, ମାନସୀବାଳା ସୁତାର, ମୀନତି ବାରିକ, ମୋନାଲିସା ସାହୁ, ବିଜୟ କୁମାର ବହଳୀ, ଅମର କୁମାର ପାଣିଗ୍ରାହୀ, ଧିରେନ୍ଦ୍ର ନାୟକ, ଅଧିବକ୍ତା ମନୋରଞ୍ଜନ ଦାସ, ସେକ୍ ଅବଦୁଲ୍ ଦୟାନ, ମୁସ୍ତାକ୍ ଗୌହର, କୈଳାସ ଦାସ, ନିରଞ୍ଜନ ନାୟକ, ସୁରେଶ କୁମାର ସାହୁଙ୍କ ସମେତ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ପାଢୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ କରିଥିବାବେଳେ ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ, ସହସମ୍ପାଦିକା ମମତା ରାଣୀ ଦାଶମିଶ୍ର ଓ ବ୍ୟଙ୍ଗକବି ଗୋକୁଳା ନନ୍ଦ ରାଉତ ଓ ମଞ୍ଚ ପରିଚାଳନା ଶେଷରେ ପାର୍ଥସାରଥୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ହଳଦୀଆପଡା ମା' କାଳୀକା ଠାକୁରାଣୀ ପୀଠରେ ମକର ସଂକ୍ରାନ୍ତି ଉତ୍ସବ



ବସ୍ତା , ୧୫/୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଉପ ଲକ୍ଷେ ବସ୍ତାର ପ୍ରସିଦ୍ଧ ଦୈବୀ ପୀଠ ମା କାଳୀକା ମନ୍ଦିରରେ ମହାସମାରୋହରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସ୍ତା ରେଳ ଷ୍ଟେସନ ଠାରୁ ମାତ୍ର ୨କି:ମି ଦୂର ହଳଦୀଆପଡା ଗ୍ରାମରେ ଅବସ୍ଥିତ ଏହି ଠାକୁରାଣୀ ପ୍ରତ୍ୟକ୍ଷ ଭାବେ ବହୁଦିନରୁ ଅଧିଷ୍ଠାତ୍ରୀ ହୋଇ ଆସୁଛନ୍ତି। ପ୍ରତ୍ୟୁଷରୁ ମଙ୍ଗଳ ଆରତୀ ସହ ନଗର ପରିକ୍ରମା, ଘଟୋତ୍ତଳନ ସହ ଚୌପ୍ରହରୀ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଆଖପାଖ ଗ୍ରାମର ୨୦୦୦ରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ସମୟରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ ଭବ୍ୟ କାର୍ଯ୍ୟକ୍ରମକୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ମନ୍ଦିର କମିଟିର ସଦସ୍ୟ ମାନେ ସଫଳତାର ସହ ସମ୍ପନ୍ନ କରିଥିଲେ।

## 'ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ ଯାତ୍ରା'କୁ ବାରିପଦାରେ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୧୫/୧ (ନି.ପ୍ର): ଓଡ଼ିଶାରୁ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରକୁ ପ୍ରେରିତ ହେବାକୁ ଥିବା 'ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ' ବାରିପଦାରେ ପହଞ୍ଚିବାରେ ତାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଉରକେଲାରୁ ବାହାରି ପୁରୀ ପର୍ଯ୍ୟନ୍ତ ଯିବାକୁ ଥିବା ଏହି 'ଶ୍ରୀରାମ ଧନୁ' ବହନକାରୀ ସୁସଜ୍ଜିତ ରଥକୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମୁର୍ଗାବାଡିଠାରେ ସ୍ୱାଗତ କରାଯିବା ପରେ ଏହାକୁ ସହର ପରିକ୍ରମା କରାଯାଇଥିଲା। ସାମାଜିକ



ଗଣ ମାଧ୍ୟମରେ ହିନ୍ଦୁତ୍ୱବାଦୀ ନେତା ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରକାଶ ନାୟକ ରଥ ସହ ଆସିଥିବା ବେଳେ ଏହାକୁ କବିବିଷ୍ଣୁ ଶତପଥୀ, ପ୍ରଶାନ୍ତ ଆଚାର୍ଯ୍ୟ, ଲକ୍ଷ୍ମୀଧର ହାବଡା, ସୌମ୍ୟ ରଞ୍ଜନ ମିଶ୍ର, ଅମିତ ନାୟକ, ବିଶ୍ୱଜିତ ରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ବଡ଼ ଧରଣର ବାଇକ ଶୋଭାଯାତ୍ରାରେ ପାଛୋଟି ନିଆଯାଇ ବାରିପଦା ନଗର ସାରା ପରିକ୍ରମା କରାଯାଇଥିଲା। 'ଶ୍ରୀରାମ ସ୍ୱର୍ଣ୍ଣ ଧନୁ ରଥ ଯାତ୍ରା' ବାରିପଦାରେ ଶୀତ ସନ୍ଧ୍ୟାରେ ବିଳମ୍ବରେ ପହଂଚିବା ସତ୍ତ୍ୱେ ବି ଶୋଭାବତୀ ଓତା, ସୁମନ ସିଂ, ହେମଲତା ଦାସ, ଶ୍ରଦ୍ଧାଞ୍ଜଳି ପଣ୍ଡା, ସୁମିତ୍ରା କୁଅଁରବାବୁ, ଦୀପାଳି ନାଏକ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ମହିଳା ଧୈର୍ଯ୍ୟର ସହ ଅପେକ୍ଷା କରି ଉପସ୍ଥିତ ରହି ଏହାକୁ ସ୍ୱାଗତ କରିବା ଘଟଣା ବେଶ ଲକ୍ଷଣୀୟ ହୋଇଥିଲା।

## ପି ଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପି ଏମ୍ ଶ୍ରୀ ଉତ୍ସବ

ବାସୁଦେବପୁର, ୧୫/୧ (ନି.ପ୍ର): ବାସୁଦେବପୁର ପି ଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପି ଏମ୍ ଶ୍ରୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉର୍ମିଳା କର, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିବେକାନନ୍ଦ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ସଂଯୁକ୍ତା ବେହେରା,କାଉନସିଲର ଜୟନ୍ତୀ ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସର୍ବେଶ୍ୱର ମଲିକ। ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ସହକାରୀ ଶିକ୍ଷକ ଜ୍ଞାନେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ପ୍ରଣୟ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ କନକଲତା ଦାସ, ମହେଶ୍ୱର ରାଉତ, ସୌମ୍ୟା ସୁଚରିତା ବାରିକ୍, ପ୍ରକାଶ ଚନ୍ଦ୍ର ଖଟୁଆ, ପ୍ରଶାନ୍ତ ମିଶ୍ର, ଦମୟନ୍ତୀ ପାଢ଼ୀ, ରମାକାନ୍ତ ବାରିକ୍, ସୁମତି ମହାନ୍ତି, ସଂଜୁଲତା ବାରିକ୍,ରତିକାନ୍ତ ସାହୁ, ତପସ୍ୱିନୀ ସାହୁ ଓ ଶୁଭଶ୍ରୀ ବାରିକ୍ ପ୍ରମୁଖ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida